ସକାଳ THE SAKALA



**ମାତିଛନ୍ତି ଦଲାଲ**

# ଜୀବିତଙ୍କୁ ମୃତ ଦର୍ଶାଇ ମୃତ୍ୟୁକାଳୀନ ସହାୟତା ରାଶି ହଡ଼ପ

କୋଷାଗୁମୁଡା,୨୯।୧(ସମିସ): ସରକାରଙ୍କୁ ଚୁନ ଲଗାଇବା ପାଇଁ ଜାଲିଆତି। ସରକାରୀ ଅର୍ଥ ଆତ୍ମସାତ ପାଇଁ ଜୀବିତ ଶ୍ରମିକଙ୍କୁ କାଗଜପତ୍ରରେ ମୃତ ଦର୍ଶାଇ ମୃତ୍ୟୁକାଳୀନ ସହାୟତା ରାଶି ହଡପ ଚାଲିଛି। ଜିଲ୍ଲାରେ ଚାଲିଛି ବଡ଼ ଧରଣର ନକଲି ସାର୍ଟିଫିକେଟ ରାକେଟ କାମ କରୁଛି। ଆଉ ଦଲାଲଙ୍କ ଜାଲରେ ପଡିଛି ଜିଲ୍ଲା ଶ୍ରମ ବିଭାଗ। ଦସ୍ତାବିଜ ଗୁଡିକୁ ଯାଞ୍ଚ ନ କରି ଜୀବିତ ଶ୍ରମିକଙ୍କ ନାମରେ ମତ୍ୟୁକାଳୀନ ସହାୟତା ମଞ୍ଜୁର କରିଥିବାରୁ ଏବେ ଶ୍ରମ ବିଭାଗ ହରଡ଼ଘଣାରେ ପଡିଛି। ଏହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ମୃତକ ହେଉଛନ୍ତି ନବରଙ୍ଗପୁର ଜିଲ୍ଲା କୋଷଗୁମୁଡା ବ୍ଲକ ରାଜୋଡା ପଞ୍ଚାୟତ ଅନ୍ତର୍ଗତ ଠୁସିଗୁଡା ଗ୍ରାମର ପୁର୍ଣି ଭତରା। ଏହି ଦସ୍ତାବିଜ କହୁଛି ତାଙ୍କର ମୃତ୍ୟୁ ୧୦/୨/୨୩ ତାରିଖରେ ହୋଇଛି। ଯାହାର ରେଜିଷ୍ଟ୍ରେସନ ନମ୍ବର ହେଉଛି - ୪୬/୨୦୨୩। ଏଠାରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ପୂର୍ଣ୍ଣି ଭତରା ଆଉ ଦୁନିଆରେ ନାହାନ୍ତି। ଜୀବିତ ବ୍ୟକ୍ତି ଙ୍କର ନକଲି ମୃତ ପ୍ରମାଣପତ୍ର ତିଆରି କରାଯାଇଛି । କେବଳ ମୃତ ପ୍ରମାଣପତ୍ର ହିଁ ନୁହେଁ। ତାଙ୍କ ସ୍ୱାମୀ ରବି ଭତରାଙ୍କ ନାମରେ ଉତ୍ତରାଧିକାରୀ ପ୍ରମାଣପତ୍ର ମଧ୍ୟ କୋଡୀଙ୍ଗା ତହସିଲ ବିଭାଗ ପକ୍ଷରୁ ମିଳିଛି। ସେହିଭଳି ସେହି ଠୁସିଗୁଡା ଗ୍ରାମର ଟୁନୁ ଭତରାଙ୍କ ମୃତ ପ୍ରମାଣପତ୍ର ଦସ୍ତାବିଜ କହୁଛି ଟୁନୁ ମୃତ। କିନ୍ତୁ, ବାସ୍ତବ ଚିତ୍ର ତାହାର ଠିକ୍ ଓଲଟା। ଟୁନୁ

**ସନ୍ଦେହଘେରରେ ଜିଲ୍ଲା ଶ୍ରମ ବିଭାଗର କାର୍ଯ୍ୟ**

ଭତରା ବର୍ତମାନ ସୁସ୍ଥ ଥିବା ବେଳେ ଘରର ସମସ୍ତ କାର୍ଯ୍ୟ ନିଜେ କରୁଛନ୍ତ। ତାଙ୍କ ସ୍ତ୍ରୀ ନାମରେ ମଧ୍ୟ ଉତ୍ତରାଧିକାରୀ ସାର୍ଟିଫିକେଟ ତିଆରି କରାଯାଇଛି। ଆଶ୍ଚର୍ଯ୍ୟ କଥା ଏସବୁ ପ୍ରମାଣପତ୍ର ଏହି ନିରୀହ ଆଦିବାସୀ ଶ୍ରମିକ ମାନେ ବାହାର କରିନାହାନ୍ତି। ଏମାନେ ଦଲାଲଙ୍କ କବଜାରେ ପଡିଥିବା ବେଳେ ଦଲାଲ ଏମାନଙ୍କ ନାମରେ ଦସ୍ତାବିଜ ତିଆରି କରି ଶ୍ରମବିଭାଗରେ ଜାଲିଆତି କରିଥିବା ଘଟଣା ସାମ୍ନାକୁ ଆସିଛି। ଯାହାକୁ ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ଏହାର ସଠିକ ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଏଭଳି ଜାଲିଆତି କେବଳ କୋଷଗୁମୁଡା ବ୍ଲକରେ ନୁହେଁ, ପାପଡାହାଣ୍ଡି ବ୍ଲକରେ ମଧ୍ୟ କରାଯାଇଛି। ପାପଡାହାଣ୍ଡି ବ୍ଲକ ବଙ୍ଗରା ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରଗୁଡା ଗ୍ରାମର ପୁରୁଷତି ମାଝୀ ଜୀବିତ ରହିଥିବା ବେଳେ ଭଙ୍ଗା ଦଦରା ଘରେ ନିଜ ସ୍ତ୍ରୀ ଓ ପିଲା ଛୁଆଙ୍କୁ ନେଇ ପରିବାର ଚଳନ୍ତ। ଜିଲ୍ଲା ଶ୍ରମ ବିଭାଗରେ ଦାଖଲ ହୋଇଥିବା ଏହି ଦସ୍ତାବିଜ କହୁଛି ତାଙ୍କର ୧୫/୧୧/୨୦୨୨ ରେ ମୃତ୍ୟୁ ହୋଇଛି। ଏବଂ ତାଙ୍କ ସ୍ତ୍ରୀ ଗାୟତ୍ରୀ ମାଝୀ ଉତ୍ତରାଧିକାରୀ ଭାବେ ମୃତ୍ୟୁ କାଳୀନ ସହାୟତା ରାଶି ପାଇଁ ଆବେଦନ କରି ୨ ଲକ୍ଷ ଟଙ୍କା ପାଇଛନ୍ତି। ଯାହାକୁ ନେଇ ପୁରୁଷତି ମାଝୀ କିଛି ଜାଣି ନଥିବା କହିବା ସହ ଦଲାଲ ଆସି ସରକାରଙ୍କ ତରଫରୁ ମାଗଣାରେ ଋଣ ଦିଆଯାଉଥିବା କହି ଦସ୍ତାବିଜ ନେଇଥିବା ବେଳେ ସେହି ଟଙ୍କାକୁ ମଧ୍ୟ ଚଞ୍ଚକତା ସହ ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଓ ପାପଡାହାଣ୍ଡି ବ୍ଲକର ୫ ଜଣ ନିର୍ମାଣ ଶ୍ରମିକ ଜୀବିତ ଥିବା ବେଳେ ସେମାନଙ୍କ ଅଜାଣତରେ ମୃତ ଦର୍ଶାଇ ମୃତ୍ୟୁ କାଳୀନ ସହାୟତା ରାଶି ୨ ଲକ୍ଷ ଟଙ୍କା ଲେଖାଏଁ ହଡ଼ପ କରିବା ଉଦ୍ଦେଶ୍ୟରେ, ଦଲାଲ ମାନେ ଉକ୍ତ ଶ୍ରମିକମାନଙ୍କୁ ଏକ ଲକ୍ଷ ଟଙ୍କାର ମାଗଣା ଋଣ କରାଇଦେବା ଆଶା ଦେଖାଇ ଦୁଇ ଲକ୍ଷ ମଞ୍ଜୁରୀ ହେଲା ପରେ ଏକ ଲକ୍ଷ ଶ୍ରମିକଙ୍କ ଆଉ ଏକ ଲକ୍ଷ ଦଲାଲଙ୍କର ଏବଂ ଏହି ଋଣ ଆଉ ପୈଠ କରିବାକୁ ପଡିବ ନାହିଁ ବୋଲି ଦଲାଲ ମାନେ କହି ଦସ୍ତାବିଜ ସଂଗ୍ରହ କରିଥିଲେ। ସେମାନଙ୍କ ଠାରୁ ଆଧାର କାର୍ଡ, ବ୍ୟାଙ୍କ ପାସବୁକ , ଲେବରକାର୍ଡ, ଫୋଟ ଆଦି ସଂଗ୍ରହ କରି ଅସାଧୁ ଉପାୟରେ ନକଲି ମୃତ ପ୍ରମାଣପତ ଓ ନକଲି ଉତ୍ତୋରାଧିକାରୀ ପ୍ରମାଣ ପତ୍ର ତିଆରି କରି ମୃତ୍ୟୁ କାଳୀନ ସହାୟତା ରାଶି ପାଇଁ ଜିଲ୍ଲା ଶ୍ରମ ବିଭାଗ କୁ ଆବେଦନ କରିଥିଲେ କ୍ଷ ଯାହାକୁ ଠିକସେ "ଜିଲ୍ଲା ଶ୍ରମ ଅଧିକାରୀ" ଯାଞ୍ଚ ନକରି ଉକ୍ତ ଶ୍ରମିକମାନଙ୍କ ନାମରେ ମୃତ୍ୟୁ କାଳୀନ ସହାୟତା ରାଶିକୁ ମଞ୍ଜୁର କରିଦେଇଥିଲା । ଏଠାରେ ପ୍ରଶ୍ନ ଉଠୁଛି ଯେ ଜିଲ୍ଲା ଶ୍ରମ ବିଭାଗ କରୁଛି କଣ? ଶ୍ରମବିଭାଗ ର ଅଧିକାରୀ ମାନେ ସାର୍ଟିଫିକେଟ ଗୁଡିକୁ ଯାଞ୍ଚ ନ କରିବାର କାରଣ କଣ ? ଦଲାଲଙ୍କ ସହ ମିଶି ଏଭଳି ଆତ୍ମସାତ କରିବାରେ ଲିପ୍ତ ନାହାନ୍ତି ତ ଅଧିକାରୀ ? ଏହାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି କରାଯାଉଛି । ଏହି ଘଟଣାକୁ ନେଇଁ ନବରଙ୍ଗପୁର ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁଙ୍କ ପ୍ରତିକ୍ରିୟା ନେବାରୁ ଘଟଣାରେ ସତ୍ୟତା ଥିବା ସ୍ୱୀକାର କରିବା ସହ ତାଙ୍କର ପୂର୍ବରୁ ଯେଉଁ ଅଧିକାରୀ ଥିଲେ ସେ କରିଥିବା କହିବା ସହ ବର୍ତମାନ ଆବେଦନ ପତ୍ର ଗୁଡିକର ଯାଞ୍ଚ କରାଯାଇ ସହାୟତା ରାଶି ଦିଆଯାଉଥିବା କହିଛନ୍ତି। ହଡପ କରାଯାଇଥିବା ସରକାରୀ ଅର୍ଥକୁ ନେଇ ଥାନାରେ କେଶ ରୁଜୁ କରାଯିବ ବୋଲି ସୂଚନା ଦେଇଛନ୍ତ। ଅନ୍ୟପଟେ ଜିଲ୍ଲାରେ ଗତ ୩ ବର୍ଷରେ ୧୫୦୦ରୁ ଅଧିକ ମୃତ୍ୟୁକାଳୀନ ସହାୟତା ରାଶି ପାଇଁ ଆବେଦନ ହୋଇଥିବା ବେଳେ ୭୫ ଟି ନକଲି ଆବେଦନ କରାଯାଇଥିବା ଜିଲ୍ଲା ଶ୍ରମ ବିଭାଗ ଜାଣିପାରିଥିଲା। ଯାହାକୁ ଯାଞ୍ଚ କରି ରିଜେକ୍ଟ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ଏମଜିଏନଆରଇଜିଏସ ବଞ୍ଚାଅ ପଦଯାତ୍ରା

ସେମିଳିଗୁଡ଼ା, ୨୯।୧ (ସମିସ): କୋରାପୁଟ ଜିଲ୍ଲାର ପଟାଙ୍ଗୀ ନିର୍ବାଚନ ମଣ୍ଡଳୀରେ ଭି ବି ଜି ରାମ ଜି ହଟାଅ ଏବଂ ଏମ ଜି ଏନ ଆର ଇ ଜି ଏସ ବଞ୍ଚାଓ ଆନ୍ଦୋଳନ ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହେଇଯାଇଛି। କଂଗ୍ରେସ ସରକାର ସମୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ନିଶ୍ଚିତ ଯୋଜନା ଆରମ୍ଭ କରାଯାଇ ଥିବା ବେଳେ ବିଜେପି ସରକାର ଉକ୍ତ ଯୋଜନାର ନାମକୁ ପରିବର୍ତ୍ତନ କରିବା ଘଟଣାକୁ ତୀବ୍ର ବିରୋଧ କରାଯାଇଛି। ଏମ ଜି ଏନ ଆର ଇଜିଏସ ବଞ୍ଚାଅ ଆନ୍ଦୋଳନ ପଦଯାତ୍ରା ସେମିଳିଗୁଡା ବ୍ଲକର ୧୭ ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ପଟ୍ଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳର ନେତା ରାମ ଚନ୍ଦ୍ର କାଡାମଙ୍କ ନେତୃତ୍ୱରେ କଂଗ୍ରେସର ନେତ୍ର ମଣ୍ଡଳୀଙ୍କୁ ଦ୍ୱାରା ସମିତି ଅନ୍ତର୍ଗତ ସୁବାଇ, ଗୁଣ୍ଟାପୁଟ, ରାଜ ପୁଟ, ରାଜପଲମା,ଉପରକାଣ୍ଟି ,ପାକଝୋଲା, ଦୁଧରୀ, ଚାରଙ୍ଗୁଲ, କୁଦିଲି, ରେଙ୍ଗା, ସାଡାମ, ହଟଗୁଡ଼ା,ମୁଠାଇ, ସରୋଷୀ ପଦର , ଖୁଡି, ପିତାଗୁଡ଼ , ଦୋଲାଇ ଗୁଡ଼ା ପଞ୍ଚାୟତିରେ ନେତା କର୍ମୀ ସହ ଆନ୍ଦୋଳନ କରିବା ସହ ପଦଯାତ୍ରା କରି ଥିଲେ। ସେହିପରି ଦାମନଯୋଡି ରେ ମଧ୍ୟ ପଦଯାତ୍ରା କରି ଥିଲେ। ବିଧାୟକ କାଡାମ ସହ କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, କୋରାପୁଟ ବିଧାନସଭା ପ୍ରାର୍ଥୀ କୃଷ୍ଣ କୁଲଦୀପ, କୋରାପୁଟ ଜୋନ୍ ୨ ଜିଲ୍ଲା ପରିଷଦ ସଦସ୍ୟ ମିହିର କୁଲଦୀପ, ପୂର୍ବତନ ବିଧାୟକ ନିମାଇଁ ସରକାର ଏବଂ ବହୁ କଂଗ୍ରେସ କର୍ମୀ ଏବଂ ନେତା ଯୋଗ ଦେଇ ଦାମନଜୋଡି ଶିଳ୍ପାଞ୍ଚଳରେ ଦାମନଜୋଡି ଛକଠାରୁ ସତ୍ସଙ୍ଗ ପର୍ଯ୍ୟନ୍ତ ଭିବି ଜି ରାମ ଜି ହାଟାଓ ପଦଯାତ୍ରା କରି କେନ୍ଦ୍ର ରାଜ୍ୟ ସରକାର ବିରୋଧ ରେ ଗର୍ଜିଥିଲେ।

## ଗର୍ଭବତୀ ପ୍ରେମିକାଙ୍କୁ ପ୍ରତାରଣା, ଅଭିଯୁକ୍ତ ଗିରଫ

ଜୟପୁର, ୨୯ ।୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ମହିଳା ଥାନା ପୁଲିସ ପକ୍ଷରୁ ବିବାହ ପ୍ରତିଶୃତି ଦେଇ ପ୍ରେମିକାଙ୍କ ସହିତ ଦୈହିକ ସମ୍ପର୍କ ରଖିବା ପରେ ପ୍ରେମିକା ୪ ମାସର ଗର୍ଭବତୀ ପରେ ପ୍ରତାରଣା ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଜୟପୁର ଟାଉନଥାନା ହାନ୍ନା ଗୁଡା ଗ୍ରାମର ଅଭିଯୁକ୍ତ ଯୁବକ ସିମନ ନାଗ (୨୬) ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଦୁର୍ଗନ୍ଧରେ ଫାଟିପଡୁଛି ରେଳଷ୍ଟେସନ ମୁଖ୍ୟ ରାସ୍ତା



ଟିକିରି,୨୯।୧(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ସ୍ଥିତ ରେଳବାଇ ମୁଖ୍ୟରାସ୍ତା ଫରେଷ୍ଟ ଅଫିସର ପାଖ ଛକରେ କୁଢକୁଢ ଅଳିଆ ଆବର୍ଜ୍ଜନା ପଡ଼ିରହିଛି। ସେହି ରାସ୍ତା ଦେଇ ଯାତାୟତ କରିବା ବହୁତ କଷ୍ଟ କର ହୋଇ ପଡୁଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଶିବ ମନ୍ଦିରକୁ ଯାଉଥିବା ଭକ୍ତମାନଙ୍କ ସହ ରେଳ ଷ୍ଟେସନ ଯିବା ବାଟରେ ଏହି ଅଳିଆ ଗଦା ପଡୁଛି। ଏହି ରାସ୍ତାରେ ପଥଚାରୀ ଚାଲିବା ବହୁ କଷ୍ଟକର ହେଉଛି। ସୂଚନା ଥାଉକି ଏହି ଜାଗାରେ ବିଭିନ୍ନ ଦୋକାନର ଅଳିଆ ଆବର୍ଜ୍ଜନା ଆଣି ସେଠାରେ ପକାଇ ଦିଆ ଯାଉଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏଥିପ୍ରତି ପଞ୍ଚାୟତ ଅଧିକାରୀ ଓ ବଣିକ ସଂଘ ଦୃଷ୍ଟି ଦେବା ସହ ଏହି ଜାଗାରେ କିପରି ଅଳିଆ ଆବର୍ଜ୍ଜନା ନ ପଡ଼େ, ସେଥିପାଇଁ ତାଗିଦ୍ କରିବା ସହ କିପରି ସଫା ହୋଇ ପାରିବ ଏଥିପ୍ରତି ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

**ନିର୍ମାଣ ଚାଲିଛି ସ୍ମାର୍ଟ ପାର୍କ**

## ଉମରକୋଟ ସହରର ସୌନ୍ଦର୍ଯ୍ୟ ବଢ଼ିବ

ଉମରକୋଟ,୨୯।୧ (ସମିସ): ଖୁବ୍ ଶୀଘ୍ର ନୂଆ ରୂପ ପାଇବାକୁ ଯାଉଛି ଡଙ୍ଗରିଗୁଡା ପାହାଡ଼। ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ଏହି ପାହାଡ଼ ପର୍ଯ୍ୟଟକଙ୍କ କେନ୍ଦ୍ର ବିନ୍ଦୁ ପାଲଟିବ। ଏହିଠାରେ ଶିଶୁ ଉଦ୍ୟାନ ଓ ପର୍ଯ୍ୟଟନ ସ୍ଥଳୀ ନିର୍ମାଣ କରିବାର ସ୍ୱପ୍ନର ସମୟ ପାଖେଇ ଆସୁଛି। ଦ୍ରୁତ ଗତିରେ ଚାଲିଛି ନିର୍ମାଣ କାର୍ଯ୍ୟ ଏହି ପାହାଡ଼ ଠାରେ କ୍ଷୁଦ୍ର ଅଟ୍ଟାଳିକା କ୍ଷୁଦ୍ର କଫି ଘର , ସ୍ମାର୍ଟ ପାର୍କ ଆଦି ସ୍ଥାନୀୟ ଲୋକଙ୍କୁ ରୋଜଗାର ଯୋଗାଇବା ସହ ପର୍ଯ୍ୟଟକଙ୍କୁ ମଧ୍ୟ ଆକୃଷ୍ଟ ମାଧମ ପାଲଟିବ। ନବରଙ୍ଗପୁର ଜିଲ୍ଲା ଉମରକୋଟ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର, ଜିଲ୍ଲା ଆର୍ଥିକ ସହର ଏହି ବ୍ୟସ୍ତ ଜୀବନ ମଧ୍ୟରେ ନିଜ ପରିବାର ସହ ସମୟ ବିତାଇବା ପାଇଁ ହାତ ଗଣତି ଦୁଇ ଚାରିଟା ପାର୍କ ଛାଡିଦେଲେ ଆଉ କିଛି ନାହିଁ। ଏଥି ପାଇଁ ତତ୍କାଳୀନ ବିଧାୟକ ତଥା ବର୍ତ୍ତମାନ ଓଡିଶା ସରକାର ଙ୍କ ଗଣ ଶିକ୍ଷା ମନ୍ତ୍ରୀ ସହର ଉପଖଣ୍ଡ ରେ ଥିବା ଡ଼ଙ୍ଗରୀଗୁଡା ପାହାଡ଼ କୁ ଲଣ୍ଡା ପାହାଡ଼ କୁ ନେଇ ଏକ ସ୍ମାର୍ଟ ପାର୍କ ପରିକଳ୍ପନା କରିଥିଲେ। କିନ୍ତୁ କିଛି କାରଣ ବଶତଃ ହୋଇ ପାରିନଥିଲା ଯାହା ଏବେ ପୂରଣ ହେବାକୁ ଯାଉଛି ଡଙ୍ଗରୀଗୁଡା ସ୍ମାର୍ଟ ପାର୍କ ନାମରେ। ପ୍ରାଥମିକ ସ୍ତରରେ ବିଧାୟକ ନିଜ ପାଣ୍ଠି ରୁ କିଛି ଅର୍ଥ ଦେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୬ କୋଟି ଟଙ୍କା ପ୍ରସ୍ତୁତ ଗୋଟିଏ ମାଷ୍ଟର ପ୍ଲାନକୁ ମଂଜୁର ମିଳିଛି ।



ଯାହା ଫଳରେ କାର୍ଯ୍ୟ ଆରମ୍ଭ ହୋଇଛି। ଆଗାମୀ ଦିନରେ ଉମରକୋଟ ବାସୀ ଏକ ସ୍ମାର୍ଟ ପାର୍କର ମଜା ନେଇ ପାରିବେ। ଏଥିପାଇଁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ନବରଙ୍ଗପୁର ଆଡୁ ଉମରକୋଟ ଆସିବା ରାସ୍ତାରେ ସହର ଆରମ୍ଭରେ ଡ଼ଙ୍ଗରୀଗୁଡା ୩୯ ନମ୍ବର ରାଜ୍ୟରାଜପଥ କଡରେ ଡଙ୍ଗରୀଗୁଡା ପାହାଡ଼। ଦିନେ ଖଣି ମାଫିଆ ଓ ଜମି ମାଫିଆଙ୍କ କବ୍ଜାରେ ଥିଲା ୭ରୁ ଆଠ ଏକରର ପାହାଡ଼। ଜବରଦଖଲ ଯୋଗୁଁ ପରିସୀମା ମାତ୍ର ପାଞ୍ଚ ଏକର ରହିଛି। ଏହି ପାହାଡକୁ ଏବେ ସ୍ମାର୍ଟ ପାର୍କର ରୂପ ଦିଆ ଯାଉଛି। ଏଥିପାଇଁ କାର୍ଯ୍ୟ ଜୋରସୋର ରେ ଚାଲିଛି। କାର୍ଯ୍ୟ ଆରମ୍ଭ ହେବା ଦେଖି ସହରବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଉମରକୋଟରେ ଏକ ସ୍ମାର୍ଟ ପାର୍କର ଆବଶ୍ୟକ ଥିଲା। ଡଙ୍ଗରୀଗୁଡାରେ ଏହା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଉଛି। ପ୍ରାଥମିକ ପର୍ଯ୍ୟାୟରେ ପାହାଚ, ୱାଚ ଟାୱାର, କେଫେ ନିର୍ମାଣ କରାଯାଇଛି। ଏହା ସହ ପ୍ରାୟ ଏଗାର କୋଟି ଟଙ୍କାର ପ୍ରସ୍ତୁତ ହୋଇଛ। ଅର୍ବାନ ଓ ପର୍ଯ୍ୟଟନ ବିଭାଗ ସହ ଆଲୋଚନା ହୋଇଛି। ଏହି ପାର୍କ ନିର୍ମାଣ ହେବା ପରେ ଉମରକୋଟର ସୌନ୍ଦର୍ଯ୍ୟ ବୃଦ୍ଧି ସହ ଲୋକଙ୍କୁ ମନରଞ୍ଜନ ପାଇଁ ସ୍ଥାନ ମିଳିବ ଓ କିଛି ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳିବା ନେଇ ସାଧାରଣରେ ଆଲୋଚନା ଚାଲିଛି।

## ରାଜେନ୍ଦ୍ର ଦୁରିଆ କାଶୀପୁର ବ୍ଲକ କଂଗ୍ରେସ ସଭାପତି



ଟିକିରି,୨୯।୧(ସମିସ): ରାୟଗଡା ଜିଲ୍ଲା କାଶୀପୁର ବ୍ଲକ କଂଗ୍ରେସର ନୂତନ ସଭାପତି ଭାବେ ବରିଷ୍ଠ ନେତା ରାଜେନ୍ଦ୍ର ଦୁରିଆଙ୍କୁ ନିଯୁକ୍ତ କରାଯାଇଛି। ନୂତନ ସଭାପତି ରାଜେନ୍ଦ୍ର ଦୁରିଆ ଦୀର୍ଘଦିନ ଧରି କଂଗ୍ରେସ ସହିତ ଜଡିତ ରହି ଦଳ ପାଇଁ ନିଷ୍ଠାର ସହିତ କାମ କରିଆସୁଛନ୍ତି। ତାଙ୍କ ନେତୃତ୍ୱରେ କାଶୀପୁର ବ୍ଲକରେ ସଂଗଠନକୁ ଅଧିକ ସକ୍ତିଶାଳୀ କରାଯିବ ବୋଲି ସେ କହିଛନ୍ତି। ତାଙ୍କ ନିଯୁକ୍ତି ପରେ କାଶୀପୁର ବ୍ଲକ କଂଗ୍ରେସ କର୍ମୀମାନେ ଖୁସି ପ୍ରକାଶ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଦୁଇ ଗାଈ ଉପରେ ଓଲଟିଲା ଟ୍ରକ୍

ବୈପାରିଗୁଡ଼ା,୨୯।୧ (ସମିସ): ବୈପାରୀଗୁଡା ଥାନା ଅନ୍ତର୍ଗତ ଶୁକ୍ରିଗୁଡା ଘାଟିରେ ଓଲଟିଲା କୁଣ୍ଡା ବୋଝେଇ ଟ୍ରକ। ଏହି ଦୁର୍ଘଟଣାରେ ଦୁଇଟି ଗାଈର ମୃତ୍ୟୁ ହୋଇଥିବା ଜଣାପଡିଛି। ଘଟଣା ଅନୁଯାୟୀ, ଆନ୍ଧ୍ର ପ୍ରଦେଶର ବିଜୟିୱାଡ଼ା ଅଭିମୁଖେ ଏକ କୁଣ୍ଡା ବୋଝେଇ ଟ୍ରକ ଯାଉଥିଲା। ହେଲେ ଶୁକ୍ରୀ ଗୁଡା ଘାଟିରେ ଆଜି ଅପରାହ୍ନ ୪ଟା ବେଳେ ଭରସାମ୍ୟ ହରାଇ ଟ୍ରକ୍ ଓଲଟି ପଡ଼ିଥିଲା। ସେହି ସମୟରେ ରାସ୍ତା କଡ଼ରେ ଶୁକ୍ରିଗୁଡାର କମଲୁ ଜାନୀଙ୍କ ଦୁଇଟି ଗାଈ ଟ୍ରକ୍ ତଳେ ଚାପି ହୋଇ ଯିବାରୁ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁଇଟି ଗାଈର ମୃତ୍ୟୁକୁ ନେଇ କ୍ଷତିପୂରଣ ପ୍ରଦାନ ନିମନ୍ତେ ଥାନାର ଦ୍ୱାରସ୍ଥ ହୋଇଛନ୍ତି କମୁଲୁ ଜାନୀ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସିୟୁଓ ଓ ଏସଓଏ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

 କୋରାପୁଟ,୨୯।୧(ସମିସ): କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ମିଳିତ ଗବେଷଣା, ଶିକ୍ଷାଗତ ଆଦାନ ପ୍ରଦାନ ଓ ଆଉଟରିଚ୍ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ), କୋରାପୁଟ ଏବଂ ଶିକ୍ଷା ଓ ଅନୁସନ୍ଧାନ (ଏସଓଏ) ଡିମ୍ଡ଼ ଟୁ ବି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏସଓଏର କୁଳପତି ସମ୍ମିଳନୀ କକ୍ଷରେ ଏମଓୟୁରେ ସିୟୁଓ ପକ୍ଷରୁ ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ଏସଓଏ ପକ୍ଷରୁ କୁଳପତି ପ୍ରଫେସର ଡ. ପ୍ରଦୀପ୍ତ କୁମାର ନନ୍ଦ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ସିୟୁଓର କୃଷି ବିଭାଗର ମୁଖ୍ୟ ଡ. ମଞ୍ଜୁଶ୍ରୀ ସିଂହ ଓ ଦୁଗ୍ଧ ବିଜ୍ଞାନ ବିଭାଗର ମୁଖ୍ୟ ଡ଼. ସଞ୍ଜୟ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଏସଓଏ ପକ୍ଷରୁ କୃଷି ବିଜ୍ଞାନ ସଂସ୍ଥାର




ଡିନ୍ ପ୍ରଫେସର ଡ. ସନ୍ତୋଷ କୁମାର ରାଉତ ସହ ଅନ୍ୟାନ୍ୟ ଅଧ୍ୟାପକମାନେ ଯୋଗ ଦେଇଥିଲେ।ଏହି ଏମଓୟୁ କୃଷି ଓ ଅନ୍ୟାନ୍ୟ ଚିହ୍ନଟ କ୍ଷେତ୍ରରେ ସହମତିଭିତ୍ତିକ ସଂଯୁକ୍ତ ଗବେଷଣା କାର୍ଯ୍ୟକ୍ରମ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ। ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ସିୟୁଓ ଓ ଏସଓଏରେ ଉପଲବ୍ଧ ପ୍ରୟୋଗଶାଳା ଓ ଅନ୍ୟାନ୍ୟ ସୁବିଧା ବ୍ୟବହାର କରି ଗବେଷଣା ଓ ଆଉଟରିଚ୍ କାର୍ଯ୍ୟକଳାପ କରିପାରିବେ ବୋଲି ପ୍ରଫେସର ଶ୍ରୀ ପଣ୍ଡା କହିଥିଲେ। ଏହି ଏମଓୟୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବୈଧ ରହିବ ଏବଂ ପାରସ୍ପରିକ ସହମତି ଓ କାର୍ଯ୍ୟଦକ୍ଷତା ଆଧାରରେ ଆଗାମୀ ଦିନରେ ବଢ଼ାଯାଇପାରିବ ବୋଲି ସିୟୁଓର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କହିଛନ୍ତି।

## ଶ୍ରୀଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ନାଲକୋ ଇଡିଙ୍କୁ ସମ୍ବର୍ଦ୍ଧନା

ଦାମନଯୋଡ଼ି,୨୯।୧(ସମିସ): ଶ୍ୱେତ ସୁବର୍ଣ୍ଣ କ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ନିରଞ୍ଜନ ସାମଲଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ମନ୍ଦିର କମିଟିର ଏକ ବୈଠକରେ ଚଳିତ ମାସ ଅବସର ନେବାକୁ ଥିବା ଇଂ ଶ୍ରୀସାମଲଙ୍କୁ କମିଟି ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମହାପ୍ରଭୁଙ୍କ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉଲ୍ଲେଖନୀୟ ଶ୍ରୀ ସାମଲ ୧୯୮୯ମସିହାରୁ ନାଲକୋରେ ଜିଇଟି ରୂପେ ଯୋଗ ଦେଇ ବିଭିନ୍ନ ପଦପଦବୀରେ ନିଷ୍ଠାପର କର୍ତ୍ତବ୍ୟ କରିଥିଲେ। ନିଜ ପ୍ରତିକ୍ରିୟାରେ ଶ୍ରୀ ସାମଲ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓ କୃପା ସହିତ ଅନୁଭୂତି ବାଣ୍ଟିଥିଲେ।



ସମ୍ବର୍ଦ୍ଧନା ସମୟରେ କମିଟି ସଭାପତି ତଥା ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ,ଡିଜିଏମ ସତ୍ୟରଞ୍ଜନ ସାହୁ,ସମ୍ପାଦକ କୈଳାସ ସେନାପତି,ଯୁଗ୍ମ ସଂପାଦକ ଅବିନାଶ ଜେନା ଓ ତ୍ରିଲୋଚନ ଚୌଧୁରୀଙ୍କ ସହିତ ସଦସ୍ୟ ରଞ୍ଜନ କୁମାର ବେହେରା,ବିମଳ ନାୟକ, ଅନାମ ଚରଣ ନାୟକ,ନକୁଳ ଚରଣ ପତି,କୈଳାସ ମହାରଣା,ନିରଞ୍ଜନ ପଣ୍ଡା, ଭଞ୍ଜନ ମହାପାତ୍ର,ନାରାୟଣ ସାହୁ, ହରେନ୍ଦ୍ରନାଥ ଗିରି, ସୁଶାନ୍ତ ଦାଶ,ଜଳେନ୍ଦ୍ର ତ୍ରିପାଠୀ, ଅମର ଦାସ,ଆର.ଏନ.ମୁଦୁଲି ଓ ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଡ଼ଃ ଅଶୋକ କୁମାର ମହାନ୍ତି ମଞ୍ଚ ସଂଯୋଜନା କରିଥିବା ବେଳେ ମୂରଲୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସ ବ୍ଲକ ଓ ଟାଉନ ସଭାପତିଙ୍କ ନାମ ଘୋଷିତ

କୋରାପୁଟ,୨୯।୧ (ସମିସ): ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ ପରେ କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ଜିଲ୍ଲା କମିଟି ଗଠନ କରି ପଦାଧିକାରୀ ମାନଙ୍କ ନାମ ଘୋଷଣା କରିଛନ୍ତି। ଏହା ସହ ବ୍ଲକ ଓ ଟାଉନ ସଭାପତିଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। କମିଟିରେ ଉପସଭାପତି ପଦରେ ୩୩ ଜଣ ରହିଥିବା ବେଳେ ସାଧାରଣ ସଂପାଦକ ପଦବୀରେ ୧୭ ଏବଂ ସଂପାଦକ ପଦବୀରେ ୧୧ ଜଣ ରହୁଛନ୍ତି।ବରିଷ୍ଠ କଂଗ୍ରେସ ନେତା ନିହାର ରଞ୍ଜନ ବିଷୋୟୀଙ୍କୁ ପୁନର୍ବାର କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ କମିଟିରେ ସାଂସଦ ଓ ବିଧାୟକ ମାନଙ୍କ ସହ ୩୦ ଜଣ ବରିଷ୍ଠ ନେତା ରହିଛନ୍ତି।କୋରାପୁଟ ଜିଲ୍ଲାର ୧୪ ଟି ବ୍ଲକ ମଧ୍ୟରୁ ୧୩ ଟି ବ୍ଲକର ସଭାପତିଙ୍କ ନାମ ଘୋଷଣା କରାଯାଇଥିବା ବେଳେ କେବଳ ଦଶମନ୍ତପୁର ବ୍ଲକ ସଭାପତିଙ୍କ ନାମ ଘୋଷଣା କରାଯାଇ ପାରିନାହିଁ।କୋରାପୁଟ ବ୍ଲକ ଜିଲ୍ଲା ପରିଷଦ ସଦସ୍ୟ ମିହିର କୁଲଦୀପ କୋରାପୁଟ ବ୍ଲକ କଂଗ୍ରେସ ସଭାପତି ଭାବେ ମନୋନୀତ ହୋଇ ଥିବା ବେଳେ ଟାଉନ କଂଗ୍ରେସ ସଭାପତି ଭାବେ ଜୟନ୍ତ କୋଚିମ ପୁଣି ମନୋନୀତ ହୋଇଛନ୍ତି। ସେହିପରି ସୁନାବେଡ଼ା ଟାଉନ କଂଗ୍ରେସ ସଭାପତି ଭାବେ ଦେବେନ କୁଲଦୀପ,ଜୟପୁର ଟାଉନ କଂଗ୍ରେସ ସଭାପତି ଭାବେ ନରେନ୍ଦ୍ର କୁମାର ମହାନ୍ତି ଏବଂ କୋଟପାଡ ଟାଉନ କଂଗ୍ରେସ ସଭାପତି ଭାବେ ମଣି ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି।

## ମଦନ ହାଡ଼ପୁଟିଆ ନନ୍ଦପୁର ବ୍ଲକ କଂଗ୍ରେସ ସଭାପତି

ନନ୍ଦପୁର,୨୯।୧(ସମିସ): ନନ୍ଦପୁର ବ୍ଲକର ନୂତନ ବ୍ଲକ୍ ସଭାପତି ଭାବେ ଯୁବ ନେତା ମଦନ ହାଡ ପୁଟିଆ ମନୋନୀତ କରିଛନ୍ତି । ତାଙ୍କ ନିଯୁକ୍ତିକୁ ନେଇ ଯୁବ ଗୋଷ୍ଠୀ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



## ଜିଲ୍ଲା ନାଗରିକ କମିଟିର ଆଲୋଚନା ସଭା

ନବରଙ୍ଗପୁର,୨୯।୧(ସମିସ): ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିର ନିକଟ ହୋଟେଲ ତୃପ୍ତି ସମ୍ମିଳନୀ କକ୍ଷରେ ନବରଙ୍ଗପୁର ଜିଲ୍ଲା ସଦରମହକୁମାରେ ସରକାରଙ୍କ ପ୍ରସ୍ତାବିତ ନୂତନ ମେଡିକାଲ କଲେଜ ସ୍ଥାପନ ସମ୍ବନ୍ଧରେ ଏକ ଆଲୋଚନା ସଭା ସଭାପତି କମିଟି ସଭାପତି ତଥା ନବରଙ୍ଗପୁର ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ପାଦକ ରାମ ପ୍ରସାଦ ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ କମିଟିର ଉପଦେଷ୍ଟା ତଥା ସରକାରୀ ଅଧିବକ୍ତା ଝାଡେଶ୍ୱର ଖାଡଙ୍ଗା, ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ, ରାଜ୍ୟ ଅମଲା ସଂଘ ସଭାପତି ତ୍ରିପତୀ ବାଲାଜୀ ସାହୁ, ନବରଙ୍ଗପୁର କଲେଜ ଆଲୁମିନି କମିଟି ସଭାପତି ଗଣେଶ ଦାଶ, ଜିଲ୍ଲା ଆଇନଜୀବୀ ସଂଘ ସଭାପତି ସିରାଜୁଦ୍ଦିନ ଅହମ୍ମଦ, ଶିକ୍ଷାବିତ୍ ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ଶିକ୍ଷାବିତ୍ ତଥା କବି ବିଜୟ ଚୌଧୁରୀ, ଶିକ୍ଷାବିତ୍ ପ୍ରାକ୍ତନ ପ୍ରାଧ୍ୟାପକ ଡଃ ବିଜୟ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ନବରଙ୍ଗପୁର ସଦରମହକୁମା ଠାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଆନୁସଙ୍ଗିକ ସୁବିଧା ଓ ଯଥାର୍ଥତା ସମ୍ବନ୍ଧରେ ନିଜ ନିଜ ମତାମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ନବରଙ୍ଗପୁର ବିଶିଷ୍ଟ ଆଇନଜୀବୀ ସନ୍ତୋଷ ମିଶ୍ର, ରବୀନ୍ଦ୍ର ପ୍ରସାଦ ପାଢ଼ୀ, ସମରେଶ ଗନ୍ତାୟତ, ଲକ୍ଷ୍ମୀ ପ୍ରସାଦ ବିଷୋୟୀ, ନିରଞ୍ଜନ ମିଶ୍ର, ଶ୍ରୀକାନ୍ତ ମହାନ୍ତି, ପ୍ରଭାସିନୀ ମହାନ୍ତି ପ୍ରମୁଖ ବୁଦ୍ଧିଜୀବୀ ଜିଲ୍ଲା ସଦରମହକୁମା ରେ ମେଡିକାଲ କଲେଜ ସ୍ଥାପନ ଯୁକ୍ତିଯୁକ୍ତ ଓ ଏଥିପାଇଁ ସମସ୍ତ ସଂଗଠନ ଓ ବ୍ୟକ୍ତି ବିଶେଷ ସରକାର ଙ୍କ ନିକଟରେ ଉପସ୍ଥାପନ କରାଯିବାପାଇଁ ମତବ୍ୟକ୍ତ କରିଥିଲେ। ଘୋଷଣା ର ଏକ ବର୍ଷ ବିତିଯାଇଥିଲେ ମଧ୍ୟ ମେଡିକାଲ କଲେଜ ସ୍ଥାପନ ପାଇଁ ଏପର୍ଯ୍ୟନ୍ତ କୌଣସି ଆନୁସଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇନଥିବା ଯୋଗୁଁ ଓଡ଼ିଶା ସରକାରଙ୍କ ନିକଟରେ ନିବେଦନ ଉପସ୍ଥାପନ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲ୍ଲାର ସମସ୍ତ ସଂଗଠନ କୁ ନେଇ ଏକ କମିଟି ଗଠନ କରିବା ପାଇଁ ବିଭିନ୍ନ ବକ୍ତା ମତ ପ୍ରକାଶ କରିଥିଲେ। କମିଟିର ସହକାରୀ ଆବାହକ ଆଇନଜୀବୀ ପ୍ରଦୀପ ସାହୁ, କୋଷାଧ୍ୟକ୍ଷ ଶ୍ରୀନିବାସ ପାତ୍ର, ସଦସ୍ୟ ସୁବ୍ରତ ବେହେରା, ଶରତ ଦାଶ, ବିବେକାନନ୍ଦ ପଣ୍ଡା, ସଦସ୍ୟା ସରକାରୀ ଆଇନଜୀବୀ କିଶୋରୀ ପଟ୍ଟନାୟକ, ସଦସ୍ୟା ସ୍ୱର୍ଣ୍ଣ ଲତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ତପନ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ ବୀରେନ୍ଦ୍ର କୁମାର ନାୟକ, ଟି. ନନ୍ଦିକେଶ୍ୱର ରାଓ, ମୀନାକ୍ଷୀ ପାଢ଼ୀ, ସିଦ୍ଧାର୍ଥ ଶଙ୍କର ବେହେରା, ଉମାକାନ୍ତ ବେହେରା, ଭୁବନେଶ୍ୱର ସୁର, ରବି ପ୍ରସାଦ ଶତପଥୀ, ବୀରେନ୍ଦ୍ର ମୋହନ ନାୟକ, ଜିଲ୍ଲା କିନ୍ନର ସଂଘ ଅଧ୍ୟକ୍ଷ ମନୋଜ ପଟ୍ଟନାୟକ, କବି ରାମ କୃଷ୍ଣ ପାତ୍ର, ଅଧ୍ୟାପକ ଅଖିଳ ଭଟ୍ଟ, ଲକ୍ଷ୍ମୀ କାନ୍ତ ପଣ୍ଡା ପ୍ରମୁଖ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ମନରେଗା ବଞ୍ଚାଅ ଆନ୍ଦୋଳନ

ନନ୍ଦପୁର, ୨୯।୧ (ସମିସ): ଗୁରୁବାର ନନ୍ଦପୁର ୨୩ଗୋଟି ଗ୍ରାମ ପଞ୍ଚାୟତରେ କଂଗ୍ରେସ କର୍ମୀ ଓ ନେତା ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନନ୍ଦପୁର ସଦର ମହକୁମା ରେ ବିରାଟ ଶୋଭାଯାତ୍ରାରେରେ ପଟାଙ୍ଗୀ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳୀୟ ନେତା ରାମ ଚନ୍ଦ୍ର କାଡ଼ାମ ବିଜେପି ସରକାରଙ୍କୁ ମନରେଗା ଜାତୀୟ ଯୋଜନାର ନାମ ପରିବର୍ତ୍ତନ ନେଇ କଡ ସମାଲୋଚନା କରିଥିଲେ। ମନରେଗା ଯୋଜନାର ନାମ ସୁରକ୍ଷିତ ନ ରହିଲେ ନିଆଁ ଜଳିବ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ରୂପକ ତୁରୁକ, ପୂର୍ବତନ ବିଧାୟକ ନିମାଇଁ ସରକାର, ବିଧାୟକ ପ୍ରତିନିଧି କାମେଶ କାମୁଡି, ଜିଲ୍ଲା କଂଗ୍ରେସ ଉପ ସଭା ପତି ଦେବେନ୍ଦ୍ର ଖେମୁଣ୍ଡୁ ବ୍ଲକ ସଭାପତି ମଦନ ହାଡ ପୂଟିଆ, ଯୁବ ନେତା ସଞ୍ଜୀବ ଖରା, ମଧୁ ସୁଦନ ଖେମୁଣ୍ଡୁ , କ୍ଷୀରଦ ରାଉତ, ରାମକୃଷ୍ଣ ପଡ଼ାଲ, ପୂର୍ବତନ ସରପଞ୍ଚ ଧନ ପତି ସୀସା, ବାବୁ ରାଓ ଖରା, ଭୁବନ ଆ ସନନ୍ଧାରି, ରାମ ଦାସ ଖିଲ, ପୂର୍ବତନ ସରପଞ୍ଚ ଖେଶବ୍ ଖରା ସମେତ ଯୁବ କର୍ମୀ ଯୋଗ ଦେଇଥିଲେ ।

## ବାଇକ ଚୋରି ଅଭିଯୋଗ

ଜୟପୁର,୨୯ ।୧(ସମିସ): ଜୟପୁର ଟାଉନଥାନା ଗ୍ଲୋକାଲ ଛକ ନିକଟରେ ଥିବା ଏକ ଘର ସମ୍ମୁଖରୁ ବାଇକ ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଏସ. ଜାନି ଗତକାଲି ଘର ସମ୍ମୁଖରେ ଗାଡି ରଖି ଘରେ ଶୋଇଥିବା ସମୟରେ ତାଙ୍କ ବାଇକ ଚୋରି ହୋଇଯାଇଛି। ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରି ବାଇକ ନ ପାଇବାରୁ ସେ ଆଜି ଟାଉନଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥



୰ ଦେବବାଳା ମହାପାତ୍ର
ମହତାବ ରୋଡ୍, କଟକ
ଆବିର୍ଭାବ : ୧୯.୦୨.୧୯୨୯
ତିରୋଧାନ : ୨୦.୦୧.୨୦୨୬
ଆପଣଙ୍କ ଅମର ଆତ୍ମାର
ସଦ୍‌ଗତି ନିମନ୍ତେ ପ୍ରଭୁ
ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ

## ରାୟଗଡ଼ାରେ ଜଣ୍ଡିସ ବ୍ୟାପିବା ଅଭିଯୋଗ

# ୫ ସ୍ଥାନରୁ ଜଳ ନମୁନା ସଂଗ୍ରହ

ରାୟଗଡ଼ା,୨୯।୧(ସମିସ): ରାୟଗଡ଼ା ସହରର ଇନ୍ଦିରା ନଗର ଶେଷ ସାହି, କସ୍ତୁରୀ ନଗର ପ୍ରଥମ ସାହି ଏବଂ କତୁରୁ ଗ୍ରାମ ଅଞ୍ଚଳରେ ଜଣ୍ଡିସ ରୋଗ ବ୍ୟାପିଥିବା ଅଭିଯୋଗ ପରେ ତତ୍ପରତା ଦେଖାଇଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ଗତକାଲି ସିଡିଏମଓଙ୍କ ନିର୍ଦ୍ଦେଶ କ୍ରମେ ଏକ ଡାକ୍ତରୀ ଟିମ୍ ଉକ୍ତ ଅଞ୍ଚଳ ଗସ୍ତ କରି ପାଣି ନମୂନା ସଂଗ୍ରହ କରି ଘର ଘର ବୁଲି ତଥ୍ୟ ସଂଗ୍ରହ କରିଥିଲେ। ଏହି ଅଞ୍ଚଳରେ ଚଳିତ ମାସରେ ୧୦ରୁ ୧୨ଜଣ ଲୋକେ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଥିବା ସୂଚନାରୁ ଜଣାପଡିଥିବା ବେଳେ ଏ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ସ୍ୱାସ୍ଥ୍ୟ ବିଭାଗ ପ୍ରତିକ୍ରିୟା ରଖିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳର ୫ଟି ସ୍ଥାନରୁ ଜଳ ନମୂନା ସଂଗ୍ରହ କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଲ୍ୟାବକୁ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ଲ୍ୟାବ ରିପୋର୍ଟ ପାଇଁ ଜଳର ମାନ ପରୀକ୍ଷା ଆରମ୍ଭ ହୋଇଛି। ଯାହା ଆସନ୍ତା ଶନିବାର ସକାଳ ସୁଦ୍ଧା ମିଳିବ ଏବଂ ଏଥିପାଇଁ ୪୮ ଘଣ୍ଟାରୁ ୭୨ ଘଣ୍ଟା ସମୟ ଲାଗିବ ବୋଲି କୁହାଯାଇଛି। ସେହିପରି ଆଜି ଉକ୍ତ ଅଞ୍ଚଳରୁ ସନ୍ଦେହଜନକ ରୋଗୀଙ୍କ ରକ୍ତ ନମୂନା ସଂଗ୍ରହ ପାଇଁ ଦଳ ପଠାଯାଇଥିବା ବେଳେ ହେପାଟାଇଟିସ୍ ଏ ଏବଂ ଇ ପରୀକ୍ଷା ମଧ୍ୟ କରାଯିବ । ଯାହା ୮ ଘଣ୍ଟା। ସମୟ ଲାଗିବ ଏବଂ ଶୁକ୍ରବାର ସକାଳେ ଏହାର ରିପୋର୍ଟ ମିଳିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଗତ ଏକ ବର୍ଷ ମଧ୍ୟରେ ରାୟଗଡ଼ା ଜିଲ୍ଲାରେ ହେପାଟାଇଟିସର କୌଣସି ପ୍ରକୋପ ହୋଇନାହିଁ ଏବଂ ଆଜି ପର୍ଯ୍ୟନ୍ତ କୌଣସି ପଜିଟିଭ୍ ମାମଲା ନ ଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଖାଦ୍ୟ ସୁରକ୍ଷା ନିରୀକ୍ଷକ ପ୍ରକାଶ ସୋରେନ ବିଭାଗୀୟ ଦଳ ସହିତ ଆଜି ଇନ୍ଦିରା ନଗର, ନେହୁରୁ ନଗର ଏବଂ ଅଶୋକ ନଗର ଅଞ୍ଚଳରେ ରାସ୍ତା ଉପରେ ଖାଦ୍ୟ ବିକ୍ରେତା କରୁଥିବା ଦୋକାନୀ, ରେଷ୍ଟୁରାଣ୍ଟ ଏବଂ ଜନସାଧାରଣଙ୍କୁ ପରିଷ୍କାର ପରିଚ୍ଛନ୍ନତା ପାଇଁ ଯାଞ୍ଚ ଏବଂ ସଚେତନ କରିଥିବା ଦେଖିବାକୁ ମିଳିଥିଲା।

## ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରେମୀ ଯୁଗଳଙ୍କ ପ୍ରଥମ ବାହାଘର



ବନ୍ଧୁଗାଁ,୨୯।୧ (ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଥମ କରି ପ୍ରେମୀ ଯୁଗଳଙ୍କ ବାହାଘର ଅନୁଷ୍ଠିତ ହୋଇଯାଇଛି। ସୁଚନା ଅନୁଯାୟୀ ବନ୍ଧୁଗାଁ ବ୍ଲକର ଆଲମଣ୍ଡା ଗ୍ରାମ ପଞ୍ଚାୟତ ହାତୀଗଡ଼ା ଗ୍ରାମର ଝିଅ ସ୍ୱପ୍ନା କାଡ୍ରାକା (୨୫) ଙ୍କ ସହିତ ବନ୍ଧୁଗାଁ ବ୍ଲକ୍‌ର କୁମ୍ଭାରିପୁଟ ଗ୍ରାମପଞ୍ଚାୟତ ଟିକରପଡ଼ା ଗ୍ରାମର ଗଜେନ୍ଦ୍ର ମେଲେକା (୨୫)ଙ୍କର ଏହି ବିବାହ ହୋଇଥିଲା। ଉଭୟ ସ୍କୁଲ ସମୟରୁ ପ୍ରେମ ସମ୍ପର୍କରେ ଥିଲେ। ଉଭୟ ବିବାହ କରିବାକୁ ସ୍ଥାନୀୟ ଆଇନଜୀବୀ ଶିତ୍ରୁ ଟାଙ୍ଗୁଙ୍କ ସହିତ ୬ ମାସ ତଳେ ପରାମର୍ଶ ନେଇ ଥିଲେ। ପ୍ରେମୀ ଯୁଗଳ ଗରିବ ହୋଇ ଥିବାରୁ ୧୦୦ କିମି ଦୂର କୋରାପୁଟ ଜିଲ୍ଲାକୁ ଯାଇ କୋର୍ଟ ବିବାହ କରିବା ସମ୍ଭବ ହେଉ ନ ଥିଲା। ରାଜ୍ୟ ସରକାରଙ୍କ ତରଫରୁ ବନ୍ଧୁଗାଁ ତହସିଲ କାର୍ଯ୍ୟାଳୟରେ ସବ୍ ରେଜିଷ୍ଟ୍ରେସନ ଶୁଭାରମ୍ଭ ହେବା ପରେ ଡିସେମ୍ବର ମାସରେ କୋର୍ଟ ବିବାହ ପାଇଁ ଆବେଦନ କରିଥିଲେ। ଗତକାଲି ପ୍ରେମୀ ଯୁଗଳଙ୍କ ସମସ୍ତ ସମ୍ପର୍କୀୟ ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ପ୍ରେମୀ ଯୁଗଳ ପ୍ରଥମ କରି କୋର୍ଟ ବିବାହ କରିବା ପାଇଁ ବିବାହ ଅଧିକାରୀ ସୋନାଲି ପାତ୍ରଙ୍କ ଦ୍ୱାରା ଶପଥ ପାଠ ଗ୍ରହଣ ପରେ ଝିଅକୁ ମଙ୍ଗଳ ସୂତ୍ର ପିନ୍ଧାଇ, ଉଭୟେ ପରସ୍ପରକୁ ପୁଷ୍ପ ମାଳ ପିନ୍ଧାଇଥିଲେ। ସମସ୍ତେ ଆଶୀର୍ବାଦ ପ୍ରଦାନ କରି ଥିଲେ।। ପରେ ବିବାହ ଅଧିକାରୀ ଉଭୟ ପ୍ରେମୀ ଯୁଗଳଙ୍କୁ ବିବାହ ସର୍ଟିଫିକେଟ ପ୍ରଦାନ କରିଥିଲେ।

## ୨ରୁ ରାୟଗଡ଼ାରେ ସୁଭଦ୍ରା ଶକ୍ତି ମେଳା

ରାୟଗଡ଼ା,୨୯।୨(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ସୁଭଦ୍ରା ଶକ୍ତି ମେଳା ଆସନ୍ତା ୨ ଫେବୃଆରୀ ୨୦୨୬ ରୁ ୮ ଫେବୃଆରୀ ପର୍ଯ୍ୟନ୍ତ ୩ଦିନ ଧରି ବାରିଖୋଲା ସ୍ଥିତ ଜେଏସକୋ ପଡିଆ, ରାୟଗଡ଼ା ଠାରେ ଆୟୋଜିତ ହେବ। ଏହି ମେଳାରେ ରାୟଗଡ଼ା ଜିଲ୍ଲା ସମେତ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରୁ ଆସିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉଦ୍ୟୋଗପତିମାନେ ଅଂଶଗ୍ରହଣ କରିବେ। ଏହା ମାଧ୍ୟମରେ ଗ୍ରାମୀଣ ଅଞ୍ଚଳର ମହିଳାମାନେ ନିଜ ପ୍ରତିଭା ଓ କୌଶଳକୁ ଆର୍ଥିକ ଲାଭରେ ପରିଣତ କରିପାରିବେ। ଏହି ମେଳା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସଚେତନତା କାର୍ଯ୍ୟକ୍ରମ ଓ ମହିଳା ସଶକ୍ତିକରଣ ସମ୍ପର୍କିତ କାର୍ଯ୍ୟାକ୍ରମ ଆୟୋଜନ କରାଯିବାର ଯୋଜନା ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧାରଣ ଜନତାଙ୍କୁ ଏହି ସୁଭଦ୍ରା ଶକ୍ତି ମେଳା ଦେଖିବାକୁ ଆହ୍ୱାନ କରାଯାଇଛି।

● ଦୁଇ ନାବାଳିକା ନିର୍ଯାତନା ମାମଲା

## ଦୁଇ ନାବାଳକ ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର

ଜୟପୁର,୨୯ ।୧(ସମିସ): ଜୟପୁର ମହିଳା ଥାନାରେ ଦୁଇଟି ପୃଥକ ପୃଥକ ନାବାଳିକା ଉତ୍ପୀଡ଼ନ ମାମଲାରେ ଦୁଇଜଣ ନାବାଳାକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ପ୍ରଥମ ଘଟଣାରେ ଗତ ୨୦୨୫ ମସିହା ନଭେମ୍ବର ୧୧ ତାରିଖରେ ମାମଲା ରୁଜୁ ହୋଇଥିଲା। ବୈପାରୀଗୁଡା ଥାନା ଅଞ୍ଚଳର ଜଣେ ନାବାଳକ ଅଜାଙ୍କ ଗୃହରେ ରହି ନବମ ଶ୍ରେଣୀ ପଢୁଥିଲେ। ସେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ବେଳେ ସେ ୫ ମାସର ଗର୍ଭବତୀ ହୋଇଥିଲେ। ନାବାଳିକ ମା ଓ ଭଉଣୀ ଔଷଧ ଖାଇ ନାବାଳିକାଙ୍କୁ ଗର୍ଭପାତ କରିବାକୁ ଚାପ ସୃଷ୍ଟି କରିଥିଲେ। କିନ୍ତୁ ନାବାଳିକା ରାଜି ନହେବାରୁ ତାଙ୍କୁ ଅଭିଯୁକ୍ତ ନାବାଳକ ଏବଂ ତାଙ୍କ ମା ଓ ଭଉଣୀ ମାଡ଼ ମାରି ଘରୁ ବାହାର କରିଦେଇଥିଲେ। ଦ୍ୱିତୀୟ ଘଟଣା କୁନ୍ଦୁରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଉକ୍ତ ଅଞ୍ଚଳର ଜଣେ ନାବାଳକ ପ୍ରେମ ନିବେଦନ କରିବା ସହିତ ବାଇକ ଯୋଗେ ନେଇ ତାଙ୍କ ଇଚ୍ଛା ବିରୁଦ୍ଧରେ ଦୁଷ୍କର୍ମ କରିଥିଲେ। ଏହିପରି ନାବାଳିକା କାନ୍ଦିବାରୁ ନାବାଳକ ତାଙ୍କୁ ଅପହରଣ କରିବା ସହିକ ୫ ମାସ ନିଜ ଗୃହରେ ରଖିଥିଲେ। ନାବାଳକ ତାଙ୍କ ମା ଓ ଭଉଣୀ ସହିତ ମିଶି ନାବାଳିକାଙ୍କୁ ଘରରୁ ବାହାର କରିବା ସହିତ ଗାଳିଗୁଲଜ କରିଥିଲେ। ନାବାଳିକା ଓ ତାଙ୍କ ପରିବାର ପକ୍ଷରୁ ଗତ ୨୪ ତାରଖରେ ମହିଳା ଥାନାରେ ଲିଖିତ ଅଭିଯୋଗ କ୍ରମେ ପୁଲିସ ନାବାଳିକା ନିର୍ଯ୍ୟାତନା ଏବଂ ଦୁଷ୍କର୍ମ ନେଇ ଏକ ମାମଲା ରୁଜୁ କରିଥିବା ବେଳେ ଉଭୟ ନାବାଳାକଙ୍କୁ ଜଷ୍ଟିସ ବୋର୍ଡକୁ ଚାଲାଣ କରିଥିବା ନେଇ ମହିଳା ଥାନା ଅଧିକାରୀ ଆଶ୍ରିତା ଖାଲକୋ ସୂଚନା ଦେଇଛନ୍ତି।

## ସମ୍ପୂର୍ଣ୍ଣତା ଅଭିଯାନ ୨.୦ ପାଇଁ ପ୍ରସ୍ତୁତି ବୈଠକ




ରାୟଗଡ଼,୨୯।୧(ସମିସ): ସମ୍ପୂର୍ଣ୍ଣତା ଅଭିଯାନ ୨.୦ ପାଇଁ ପ୍ରସ୍ତୁତିକାଳୀନ ବୈଠକ ଗୁରୁବାର ଜିଲ୍ଲା ମୁଖ୍ୟ ବିକାଶ ତଥା ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଛି। ଏହି ବୈଠକରେ ସୂଚନା ବିଜ୍ଞାନ ଅଧିକାରୀ ଏନ ଗୁଣ ଶେଖର, ଅତିରିକ୍ତ ନିର୍ଦ୍ଦେଶକ ଯୋଜନା ଜୟନ୍ତୀ ମାଲା ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନି, ବିଡିଓ ମୁନିଗୁଡା କୃଷ୍ଣଚନ୍ଦ୍ର ଦଳପତି, ବିଡିଓ ପଦ୍ମପୁର କୂରେସ୍ଚନ୍ଦ୍ର ଜାନି ପ୍ରମୁଖ ଉପସ୍ଥିତ ଥିଲେ। ଏହି ୩ ମାସର ଅଭିଯାନ ୨୮ ଜାନୁଆରୀ ୨୦୨୬ରୁ ଆରମ୍ଭ ହୋଇ ୧୪ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ପୂର୍ଣ୍ଣତା ଅଭିଯାନ ୨.୦ରେ ଆକାଂକ୍ଷି ଜିଲ୍ଲା କାର୍ଯ୍ୟକ୍ରମର ଅଂଶ ରୂପେ ୧୨୨ଟି ଜିଲ୍ଲାରେ ୫ଟି ସୂଚକ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ୫୧୩ଟି ବ୍ଲକରେ ୬ଟି ସୂଚକ ଉପରେ ଜାତୀୟସ୍ତରରେ କାର୍ଯ୍ୟ ହେବ ବୋଲି ବୈଠକରେ ଆଲୋଚନା ହୋଇଛି। ଏହି ଅଭିଯାନର ମୁଖ୍ୟ ୩ଟି ସୂଚକ ହେଉଛି ସ୍ୱାସ୍ଥ୍ୟ ଓ ପୁଷ୍ଟି, କୃଷି ଏବଂ ଶିକ୍ଷା। ସ୍ୱାସ୍ଥ୍ୟ ଓ ପୁଷ୍ଟି ଅଧୀନରେ ଟିବି ରୋଗ ନିୟନ୍ତ୍ରଣ ଉପରେ ବିଶେଷ ଗୁରୁତ୍ୱ , ଶିକ୍ଷା ଅଧୀନରେ ଥିବା ବିଦ୍ୟାଳୟ ଓ ଅଙ୍ଗନବାଡିର କାର୍ଯ୍ୟକ୍ଷମ ମହିଳା ଶୌଚାଳୟ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ବିଶେଷ ଅଭିଯାନ ଅନୁଷ୍ଠିତ ହେବ ବୋଲି ନିର୍ଧାରିତ ହୋଇଛି। ବିଭିନ୍ନ ବିଭାଗର ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବା ସହ ସଫଳତା କାହାଣୀ ସଂଗ୍ରହ କରିବେ। ଏହାସହ ଏସ୍‌ଏଚ୍‌ଜି, ସ୍ଥାନୀୟ ନେତା, ସମୁଦାୟ ପ୍ଲାଟଫର୍ମର ଅଂଶଗ୍ରହଣ, ନୂତନତ୍ୱ ଓ ପାରସ୍ପରିକ ଶିକ୍ଷଣ ଅଭ୍ୟାସର ପ୍ରୋତ୍ସାହନ ଏବଂ ପ୍ରତିମାସରେ ଅଗ୍ରଗତି ରିପୋର୍ଟ ଜମା କରିବା ଉପରେ ବିଶେଷ ଧ୍ୟାନ ଦିଆଯିବ। ୧୪ ଏପ୍ରିଲ୍ ବି ଆର ଆମ୍ବେଦକର ଜୟନ୍ତୀରେ ସମ୍ପୂର୍ଣ୍ଣତା ଅଭିଯାନ ୨.୦ରେ ସର୍ବୋତ୍ତମ ଅଭ୍ୟାସ ପାଇଁ ପୁରସ୍କାର ପ୍ରଦାନ କରି ଅଭିଯାନର ସମାପ୍ତ ଘୋଷଣା କରାଯିବ ବୋଲି ଆଲୋଚନା ହୋଇଥିଲା । ଏହି ବୈଠକରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇ ଜିଲ୍ଲାରେ ସରକାରୀ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣତା ନିଶ୍ଚିତ ହେବ ବୋଲି ଶପଥ ନେଇଛନ୍ତି।

## ମେଗା ଜଳସେଚନ ପ୍ରକଳ୍ପ ତଦାରଖ କଲେ ଜିଲ୍ଲାପାଳ

ତେନ୍ତୁଳିଖୁଣ୍ଟି,୨୮ ୧(ସମିସ): ନବରଙ୍ଗପୁର ଜିଲ୍ଲାପାଳ ଇନ୍ଦ୍ରାବତୀ ପ୍ରକଳ୍ପ ଜଳଭଣ୍ଡାରର କେନ୍ଦୁଗୁଡା ଠାରେ ନିର୍ମାଣଧୀନ ମେଗା ଜଳସେଚନ ପ୍ରକଳ୍ପ ସମୀକ୍ଷା କରିବା ସହ ତୁରନ୍ତ କାର୍ଯ୍ୟ ସାରିବା ପାଇଁ ପରାମର୍ଶ ଦେଇଛନ୍ତି। ସ୍ଥାନୀୟ ଅତିଥି ଭବନ ପରିସରରେ ମେଗା ଜଳସେଚନ



ପ୍ରକଳ୍ପ ଅଧିକାରୀ ଏବଂ ବିଶେଷଜ୍ଞ ବୃନ୍ଦଙ୍କୁ ଡାକି ବୈଠକ କରିବା ସହ ପ୍ରକଳ୍ପ କାର୍ଯ୍ୟର ସ୍ଥିତି ପରଖିଛନ୍ତି ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ। ପ୍ରକଳ୍ପ କାର୍ଯ୍ୟ କରୁଥିବା ଉଭୟ ଜିଭିପିଆର ଏବଂ କଳ୍ପତରୁ ଠିକା ସଂସ୍ଥା ଅଧିକାରୀ ବୃନ୍ଦଙ୍କ ସହ ମଧ୍ୟ ଆଲୋଚନା କରି ତୁରନ୍ତ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜଳ ଭଣ୍ଡାରର ଜଳସ୍ତର ଅଧିକ ଥିବାରୁ ଭିତର କାର୍ଯ୍ୟ ହୋଇପାରୁନଥିବା ଜାଣିବା ପରେ ଜଳ ସ୍ତର ହ୍ରାସ ପାଇଁ ଜଳବିଦ୍ୟୁତ ନିଗମକୁ ପତ୍ର ଲେଖିବେ ବୋଲି ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କ ଏହି ଗ୍ରସ୍ତ ସମୟରେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ଏବଂ ଉଭୟ ଠିକା ସଂସ୍ଥାର ନିର୍ବାହୀ ଯନ୍ତ୍ରୀ ଏବଂ ଅନ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

## ଗୁଡାରି ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୁଡାରି, ୨୯।୧(ସମିସ): ଗୁଡାରି ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଦିନ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅତିରିକ୍ତ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ସୁଧାକର ତୁଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ମୁଖ୍ୟ ଅତିଥି, ଅନନ୍ତ ତ୍ରିପାଠୀ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ପରିଷଦ ଅଧ୍ୟକ୍ଷା ଶର୍ମିତା ଶବର, ଆବାହକ ସଭାପତି ଟୁକୁ ଶବର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ କୁମାର ଦଳାଇ ମଞ୍ଚରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ତୁଳ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଡେର ରାତ୍ର ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ରତ୍ନାକର ମିଶ୍ର । ସୁଶାନ୍ତ ସାହୁ, ସଂଗୀତା ମହାରଣା, ସନ୍ତୋଷ ପାଢ଼ୀ, ଅନନ୍ତ ତ୍ରିପାଠୀ, ଦୀପକ ଦାସ, ପ୍ରମିଳା ମିନିଆକା, ଲିପ୍ସା ପ୍ରିୟଦର୍ଶନୀ, ତେଗେଇ ଶବର, ବିଶ୍ୱମ୍ବର“ମଣ୍ଡଳ, ମୌସୁମୀ ନିମାଲପୁରୀ, ସ୍ୱାସ୍ଥ୍ୟକର୍ମୀ ରାଜେଶ୍ୱରୀ ସୁନାମୁଦି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ମାଲ୍ୟବନ୍ତ ମହୋତ୍ସବ ପ୍ରମୋ ସଙ୍ଗୀତ ଉନ୍ମୋଚିତ



ମାଲକାନଗିରି, ୨୯ ।୧(ସମିସ): ମାଲକାନଗିରି ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନ ଠାରେ ମାଲ୍ୟବନ୍ତ ମହୋତ୍ସବ ପ୍ରମୋ ସଙ୍ଗୀତକୁ ଉନ୍ମୋଚନ କରାଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ସୋମେଶ କୁମାର ଉପାଧ୍ୟାୟ ଏହି ସଙ୍ଗୀତକୁ ଉନ୍ମୋଚନ କରି ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା, ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ଘେନୁ ମୁଦୁଲି, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଓ ବିଧାୟକ ପ୍ରତିନିଧି ମାଣିକଲାଲ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ ଆସନ୍ତା ୧ ରୁ ୫ ଫେବୃଆରି ମଧ୍ୟରେ ଜିଲ୍ଲା ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଆୟୋଜନ ହେଉଛି। ଏଥିରେ ରାଜ୍ୟର ସ୍ୱନାମଧନ୍ୟ କଳାକାର ଓ ବଲିଉଡ୍ ର କଳାକାର ଙ୍କୁ ନିମନ୍ତ୍ରଣ କରାଯାଇଛି। ଆବାଳ ବୃଦ୍ଧ ବନିତା ଏହି ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେଇ ଏହାକୁ ସଫଳ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ୍ ଜଣାଇଛନ୍ତି। ସେହିପରି ଆସନ୍ତା ୩୧ ରେ ସତିଗୁଡ଼ା ଜଳ ଭଣ୍ଡାର ଠାରେ ହେବାକୁ ଥିବା ନୌକା ଚାଳନା ପ୍ରତିଯୋଗୀତା ରେ ମଧ୍ଯ ବହୁ ସଂଖ୍ୟାରେ ଉପସ୍ଥିତ ରହିବାକୁ ଜିଲ୍ଲାପାଳ ଆହ୍ୱାନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବିନାଶ ମିଶ୍ର ପରିଚାଳନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଧନ୍ୟବାଦ୍ ଜ୍ଞାପନ କରିଥିଲେ। ଏହି ସଙ୍ଗୀତ ପ୍ରସ୍ତୁତିରେ ଭାଗ ନେଇଥିବା ସମସ୍ତ କଳାକାର ଓ ବୈଷୟିକ ଟିମ୍ ଏଥିରେ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଭୀମ୍ସ କଲେଜରେ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ




ରାୟଗଡ଼ା,୨୮ ।୧(ସମିସ): ରାୟଗଡା ଜିଲ୍ଲା ସଦର ବ୍ଲକ ପିତାମହଲ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ସ୍ଥିତ ଭାମ୍ସୀ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ଭାମ୍ସ) ଠାରେ ୫ ଦିନିଆ ସାକ୍ଷାତ୍ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ (ଏଫଡିପି ) ଅନୁଷ୍ଠିତ ହୋଇଛି। ରଣନୈତିକ ଯୋଜନା ଏବଂ ନେତୃତ୍ୱ ଦକ୍ଷତା ବିଷୟରେ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଭାମ୍ସୀ ମ୍ୟାନେଜମେଣ୍ଟ କଲେଜର ଅଧକ୍ଷ ପ୍ରଫେସର୍ କରୁଣାକର କରକରିଆ ସମସ୍ତ ନିମନ୍ତ୍ରୀତ ଅତିଥି ଏବଂ ପ୍ରାଧ୍ୟାପକ ଓ ପ୍ରାଧ୍ୟାପିକା ମାନଙ୍କୁ ସ୍ୱାଗତ ଅଭିଭାଷଣ ଦେଇ କାର୍ଯ୍ୟକ୍ରମ ଆଗକୁ ବଢ଼ାଇ ଥିଲେ। କାର୍ଯ୍ୟକ୍ରମଟି ଏମଏସଏମଇ କମିଶନର କାର୍ଯ୍ୟାଳୟ , ଏଫଏଫଡିସିଙ୍କ ଦ୍ୱାରା ପ୍ରାୟୋଜିତ ହୋଇଥିଲା ଏବଂ ରିତମ୍ ଇଞ୍ଜିନିୟରିଂ କଲେଜ୍, ରାୟଗଡା ସହ ଯୁଗ୍ମ ଭାବେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଏଫଏଫଡିସିର ଡେପୁଟି ଡାଇରେକ୍ଟର ଭି. ରାମାରାଓ ଓ ଟ୍ରେନିଂ ହେଡ୍ ବିବେକ କୁମାର ଷଡଙ୍ଗୀ, ରିତମ ଇଞ୍ଜିନିରିଂ କଲେଜର ଅଧକ୍ଷ ପ୍ରଫେସର୍ ଏସ. ଶ୍ରୀନିବାସନ ଉପସ୍ଥିତ ରହିଥିଲେ। ଭାମ୍ସି ମ୍ୟାନେଜମେଣ୍ଟ କଲେଜର ଅଧକ୍ଷ, ରୀତମ ଇଞ୍ଜିନିୟରିଂ କଲେଜର ଅଧକ୍ଷ ଓ ଭାମ୍ସି ଅନୁଷ୍ଠାନର ଚେୟାରମେନ ବି.ଭି. ରବି କୁମାର ରିସୋର୍ସପର୍ସନଙ୍କୁ ସ୍ମୃତିଚିହ୍ନ ଓ ଉତ୍ତରୀୟ ପ୍ରଦାନ କରିବା ସହ ଅନ୍ୟ ଅତିଥି ମାନଙ୍କୁ ସାଲ ଦେଇ ସମ୍ମାନିତ କରିଥିଲେ। ରିସୋର୍ସପର୍ସନ୍ ଭାବେ ବିନୋଦ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଏଲଡିଏମ୍ ଓ ଚିଫ୍ ମ୍ୟାନେଜର, ଏସବିଆଇ , ରାୟଗଡା ଆର୍ଥିକ ପରିଚାଳନା ଦକ୍ଷତା ବିଷୟରେ ଗଭୀର ଆଲୋଚନା କରିଥିଲେ। ଏହି ଏଫଡିପି କାର୍ଯ୍ୟକ୍ରମରେ ଭାମ୍ସ, ରିତମ, ସିଟି କଲେଜ, ମିଟ୍ସ, ଜିଆଇଏସିଆର , ଜିଷ୍ଟ, ମଡେଲ ଡିଗ୍ରୀ କଲେଜ, ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ , ମହିଳା ମହାବିଦ୍ୟାଳୟ ସହିତ ଦୁଇଟି ପିପିପି ମୋଡ୍ କଲେଜ୍ ଓ ଅନ୍ୟାନ୍ୟ ସଂସ୍ଥା ସମେତ ମୋଟ ୧୩ଟି କଲେଜର ୫୦ ଜଣ ଶିକ୍ଷକ ଯୋଗ ଦେଇଥିଲେ। ସମସ୍ତେ ଆର୍ଥିକ ପରିଚାଳନା ଓ ନେତୃତ୍ୱ କୌଶଳରେ ଜ୍ଞାନ ବିନିମୟ କରିଥିଲେ।“ଭାମ୍ସ ର ଆକାଡେମିକ୍ ଡାଇରେକ୍ଟର ପ୍ରଫେସର୍ ସନତ କୁମାର ପଣ୍ଡା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିବାରେ ସହଯୋଗ କରିଥିଲେ। ଭାମ୍ସ ର ଅଧକ୍ଷଙ୍କ ଦୃଢ଼ ନେତୃତ୍ୱ ଓ ପ୍ରଧାନାଚାର୍ଯ୍ୟଙ୍କ ଆହ୍‌ୱାନକର୍ତ୍ତା ଭୂମିକାରେ କାର୍ଯ୍ୟକ୍ରମଟି ସୁଚାରୁ ଭାବେ ପରିଚାଳିତ ହୋଇଥିଲା। ସହାୟକ ପ୍ରଫେସର ଶ୍ରୀମତୀ ବି. ଲାବଣ୍ୟା କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ଏବଂ ଏମବିଏ ବିଭାଗ ମୁଖ୍ୟ ପ୍ରଫେସର୍ ବେଦ ପ୍ରକାଶ କର ଧନ୍ୟବାଦ ଜ୍ଞାପନ କରିଥିଲେ। ସହାୟକ ପ୍ରଫେସର ମନୋଜ କୁମାର ସେନାପତି, ନବୀନ କାରକାରିଆ, ପିତାମ୍ବରୀ ହିଆଲ, ମାନସ କୁମାର ନାୟକ, ଏଓ କୋଟେଶ୍ୱର ରାଓ ଓ ମିସ୍ ୱାଇ. ଦର୍ଶନା, ଜୟଦେବ ଦାସ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## ଶିରିସୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ

ଉତ୍ସବ ପାପଡାହାଣ୍ଡି, ୨୯।୧ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଶିରିସୀ ପଞ୍ଚାୟତ ସଦର ଗ୍ରାମର ଉଚ୍ଚ ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମହାପାତ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ପାପଡାହାଣ୍ଡି ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବବ୍ରତ ପରିଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଡାବୁଗାଁ ବିଧାୟକ ପ୍ରତିନିଧି ରଜନୀ କାନ୍ତ ସସମାଲ, ବ୍ଲକ ଶିକ୍ଷଧିକାରୀ ସୁଦୀପ୍ତ ଦାସ , ଶିବ ପ୍ରସାଦ ଅଗ୍ରୱାଲ , ସଭାପତି ଅଭିମନ୍ୟୁ ପଣ୍ଡା , ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାତୀ ବେହେରା , ମୋକିଆ ପ୍ରଧାନ ଶିକ୍ଷକ ରଞ୍ଜନ ଦାସ , ଖୁଟବାଇ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ମୁନ୍ନା ,ଶିରିସୀ ଗ୍ରାମର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ । କୃତି ବିଦ୍ୟାର୍ଥୀ ମାନଙ୍କୁ ମାନପତ୍ର ସହ କପ ପ୍ରଦାନ କରାଯାଇଥିଲା ।

## ଦୁର୍ଗୀରେ ଅଷ୍ଟପ୍ରହରୀ ନାମଯଜ୍ଞ



ଦୁର୍ଗୀ, ୨୯।୧(ସମିସ): ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତର ରାଧାକୃଷ୍ଣ ମନ୍ଦିର ପୀଠରେ ଅଷ୍ଟପ୍ରହରୀ ନାମଯଜ୍ଞ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶିକରପାଇ, ପାଇକପଡ଼ା, ଚିନ୍ତାଲୁଗୁଡା, ଢେପାଗୁଡା, କୋଲନରା, ଦୁର୍ଗୀ ଭଳି ଛଅ ଗୋଟି ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଥିଲେ। ଏହି ଅଷ୍ଟପ୍ରହରୀରେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା. ଶ୍ରଦ୍ଧାଳୁ ମାନଙ୍କ ପାଇଁ ମନ୍ଦିର କମିଟି ତରଫରୁ ଅନ୍ନ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ମନ୍ଦିର ପୀଠରେ ସଂକୀର୍ତନ ମଣ୍ଡଳୀ ପକ୍ଷରୁ ରାମ ନାମ ସଙ୍କୀର୍ତ୍ତନ ନାଚଗୀତ ସହ ପରିବେଷଣ ହୋଇଥିଲା।

## ପଠାଣି ସାମନ୍ତ ଗଣିତ ପ୍ରତିଭା ପରୀକ୍ଷା

ନନ୍ଦପୁର,୨୯।୧ (ସମିସ): ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗର ଆନୁକୂଲ୍ୟରେ ପଠାଣି ସାମନ୍ତ ଗଣିତ ପ୍ରତିଭା ପରୀକ୍ଷା ନନ୍ଦପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ପରୀକ୍ଷା କେନ୍ଦ୍ରରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଗତ ମୋଟ ୧୮୧ ଜଣ ପରୀକ୍ଷାର୍ଥୀଙ୍କୁ ଆବଣ୍ଟନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଷଷ୍ଠ ଶ୍ରେଣୀ ପାଇଁ ମୋଟ ୧୦୮ ଜଣ ପରୀକ୍ଷାର୍ଥୀ ଆବଣ୍ଟିତ ଥିବା ବେଳେ ସେଥିରୁ ୯୯ ଜଣ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ନବମ ଶ୍ରେଣୀ ପାଇଁ ମୋଟ ୭୩ ଜଣ ପରୀକ୍ଷାର୍ଥୀ ଆବଣ୍ଟିତ ହୋଇଥିବା ବେଳେ ୬୨ ଜଣ ପରୀକ୍ଷାରେ ଉପସ୍ଥିତ ରହିଥିଲେ। ୧୧ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି।

## ପ୍ରହସନ ପାଲଟିଛି ଚାରା ରୋପଣ

# ରାସ୍ତାକଡ଼ରୁ ମରିଗଲାଣି ୮୦ ପ୍ରତିଶତ ଗଛ



କଲ୍ୟାଣସିଂହପୁର,୨୯।୧(ସମିସ): ଜଙ୍ଗଲ ସୃଷ୍ଟି ସହ ପରିବେଶକୁ ସବୁଜ ସୁନ୍ଦର ଗଢିତୋଳିବା ପାଇଁ ବନ ବିଭାଗ ପକ୍ଷରୁ ନାନା ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ରାସ୍ତା କଡ଼ ସମେତ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଓ ସଂରକ୍ଷିତ ଜଙ୍ଗଲରେ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ଚାରାରୋପଣ କରାଯାଇ ସବୁଜିମା ସୃଷ୍ଟି କରାଯାଉଛି ଓ ବନୀକରଣ ଯୋଜନାରେ ବ୍ୟାପକ ବୃକ୍ଷ୍ୟ ରୋପଣ କରିବା ନାମରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରି ବନ ବିଭାଗ ଆତ୍ମସାତ କରୁଥିବା ଘଟଣା ନଜରକୁ ଆସିଛି। ଅନେକ ଗଛ ଲଗାଇବା ନାମରେ ବିଭିନ୍ନ ନର୍ସରୀ ଠାରୁ ଗଛ କ୍ରୟ କରିବା ସହ ପରିବହନ ମଧ୍ୟ ବ୍ୟାପକ ଅର୍ଥ ଖର୍ଚ୍ଚ କରୁଛନ୍ତି। କିନ୍ତୁ କେଉଁଠି ପାଣି ଅଭାବରୁ ସବୁ ଗଛ ମରିଗଲାଣି ଧର୍ମକୁ ଆଖୁଠାର ନ୍ୟାୟରେ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ ଦର୍ଶାଉଛି। ଗତ ବର୍ଷ ପୂର୍ବେ ବିଭିନ୍ନ ପଞ୍ଚାୟତରେ ସ୍ଥାନୀୟ ଲୋକଙ୍କ ଜରିଆରେ ବୃକ୍ଷ ରୋପଣ କରାଯାଇଛି। ଏ ଦୃଶ୍ୟ ହେଉଛି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଆଜାଦି କି ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଶିକର ପାଇ ଓ ବିଭିନ୍ନ ପଂଚାୟତର ରାସ୍ତା ପାଶ୍ୱର୍। ଅନେକ ଚାରା ରୋପଣ କରାଯାଇଥିଲା ଓ ଏଥିପାଇଁ ଟଙ୍କା ମଧ୍ୟ ଖର୍ଚ୍ଚ ହୋଇଥିଲା। ମାତ୍ର ଦେଖାରଖା ଓ ରକ୍ଷଣବେକ୍ଷଣ ଅଭାବରୁ ଗଛ ଗୁଡିକ ନଷ୍ଟ ହୋଇଯାଉଛି। ଗଛ ନଷ୍ଟ ହେଉଥିବା ସ୍ଥାନରେ ଚାରାରୋପଣ, ଗଛ ଚାରି ପାଶ୍ୱର୍ ସଫା ସୁତୁରା କରିବା, ପାଣି ଦେବାର ନିୟମ ରହିଛି। ରାୟଗଡା ଯିବା ମୁଖ୍ୟ ରାସ୍ତା ଧାମଲିମାଠାରୁ କୋଲନର ବ୍ଲକ ଭେଜା ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ପାଶ୍ୱର୍ରେ ଲାଗିଥିବା ଅଧିକାଂଶ ଗଛ ମରିଗଲାଣି। କେବଳ ଏହି ଗୋଟିଏ ସ୍ଥାନ ନୁହେଁ, ଅଧିକାଂଶ ସ୍ଥାନରେ ସମାନ ଅବସ୍ଥା। କେତେକ ସ୍ଥାନରେ ବୁଲା ଗାଈ ଗୋରୁ ଗଛ ଗୁଡିକ ଖାଇ ନଷ୍ଟ କରି ଦେଉଥିବା ବେଳେ ଅଧିକାଂଶ ସ୍ଥାନରେ ପାଣି ଅଭାବରୁ ଗଛ ମରିଯାଇଛି । ପୁଣି ରକ୍ଷଣ ବେକ୍ଷଣ ଲାଗି ଶ୍ରମିକ ନିଯୁକ୍ତି କରାଯାଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଅସଲି ଶ୍ରମିକ ବଦଳରେ ନକଲି ଶ୍ରମିକଙ୍କୁ ନଗଦ ଟଙ୍କା ପ୍ରଦାନ କରାଯାଉଛି। କିନ୍ତୁ ଗଛ ବଞ୍ଚାଇବାରେ ବିଫଳ ହୋଇଛି ବନ ବିଭାଗ ବୋଲି ଅଭିଯୋଗ ହେଉଛି । ଯାହା ଫଳରେ ରାସ୍ତା ପାଶ୍ୱର୍ରେ ଶତାଧିକ ଗଛ ବଳି ପଡୁଛି। ସେହିପରି ପୂର୍ତ୍ତ ବିଭାଗ ରାସ୍ତା, ଗ୍ରାମ୍ୟ ଉନ୍ନୟନ ରାସ୍ତା ପାଶ୍ୱର୍ରୁ ସହ ସହ ଗଛ ଉନ୍ନୟନ ମୂଳକ କାମରେ କଟୁଥିବା ଗଛର ଦୁଇଗୁଣା ହିସାବରେ ଚାରା ରୋପଣ କରାଯିବାର ନିୟମ ପାଳନ କରଯାଇ ଗଛ ଲଗାଯିବାର ବ୍ୟବସ୍ଥା ରହିଥିବା ବେଳେ ସେ ବ୍ୟତିକ୍ରମ ଦେଖାଯାଉଛି। ପ୍ରତି ହେକ୍ଟରରେ ୨ ଶହରୁ ୨୫୦ଟି ଚାରା ରୋପଣ କରିବାକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କଲ୍ୟାଣସିଂହପୁର ବ୍ଲକ ଅଞ୍ଚଳରେ ଯେଉଁ ପରିମାଣ ଅର୍ଥ ପାଣି ପରି ବ୍ୟୟ କରାଯାଇଛି। କିନ୍ତୁ ସେହିପରିମାଣରେ ଚାରା ରୋପଣ ହେଉନଥିବା ଅଭିଯୋଗ ହୋଇଛି। କିନ୍ତୁ ଅନେକ ସ୍ଥାନରେ ଗଛର ଦାୟିତ୍ୱ ନିଆଯାଉ ନ ଥିବାରୁ ଗଛ ସବୁ ପାଣି ଅଭାବରୁ ମରି ଗଲାଣି ଓ ମହାଣା ଗାନ୍ଧି ଜାତୀୟ କର୍ମ ନିଯୁକ୍ତି ଯୋଜନା ମନରେଗା ଦ୍ୱାରା ଅନେକ ସ୍ଥାନ ରେ ମଧ୍ୟ ଚାରା ରୋପଣ ହୋଇଛି। ଏଥିରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି ଓ ମାତ୍ର ଚାରାରୋପଣ କରି ବିଭିନ୍ନ ବିଭାଗୀୟ ଅଧିକାରୀ କାର୍ଯ୍ୟ ଶେଷ କରି ଦେଇଥିବା ବେଳେ ବାସ୍ତବରେ ଏହି ଚାରାର ଚିହ୍ନବର୍ଣ୍ଣ ରହୁନଥିବା ଦେଖିବାକୁ ମିଳୁଛି। ଗ୍ରାମାଞ୍ଚଳକୁ ଯାଇଥିବା ରାସ୍ତା ପାଶ୍ୱର୍, ଗ୍ରାମ୍ୟ ଉନ୍ନୟନ ରାସ୍ତା ପାଶ୍ୱର୍, ବ୍ଲକ ଓ ବନ ବିଭାଗ ଚାରାରୋପଣ ନାଁରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଛି। ଗାତ ଖୋଳିବା, ଚାରା ଲଗାଇବା, ପାଣି ଦେବା କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ବିନିଯୋଗ ହେଉଛ। ହେଲେ ବିଭାଗୀୟ ଅଧିକାରୀ ତଥା କର୍ମଚାରୀଙ୍କ ଇଚ୍ଛା ଶକ୍ତି ଅଭାବ ସାଙ୍ଗକୁ ପରିଚାଳନା ତ୍ରୁଟି ଯୋଗୁଁ ସରକାରୀ ଅର୍ଥ ଶ୍ରାଦ୍ଧ ହେଉଥିବା ଅଭିଯୋଗ ହେଉଛି।

# ସୁପ୍ରକାଶ ମହାନ୍ତି ବିରଖମ୍ବ ଠିକାଦାର ସଂଘ ସଭାପତି

ବୈପାରୀଗୁଡ଼ା, ୨୯।୧(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦୋରାଗୁଡା ସ୍ଥିତ ଖମ୍ବେଶ୍ୱରୀ ଇଟା ଫେକ୍ଟ୍ରି ଠାରେ ଠିକାଦାର ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିପ୍ରକାଶ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ଜୟପୁର ମଣ୍ଡଳ ସଭାପତି ପଦ୍ମନ ହରିଜନଙ୍କ ସମେତ କମିଟି ସଦସ୍ୟ ଉପସ୍ଥିତ ଥିଲେ। ସ୍ଥାନୀୟ ଠିକାଦାର ନିଜ ବ୍ଲକର ବିକାଶ ପାଇଁ ନିଜ ଭାଗିଦାରୀ ଦେଇ କାମର ମାନକୁ ଉନ୍ନତ କରିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ବାହାର ଠିକାଦାରଙ୍କୁ ବ୍ଲକରେ କାମ କରିବା ପାଇଁ ସୁଯୋଗ ଦିଆଯିବ ନାହିଁ ବୋଲି ନିଷ୍ପତି ନିଆଯାଇଛି । ଏହି ଅବସରରେ ସରକାରଙ୍କ ନୂଆ ଟେଣ୍ଡର ନୀତିକୁ ସଂଘ ତୀବ୍ର ବିରୋଧ କରିଥିଲା। ବ୍ଲକରେ ନୂତନ ଭାବେ ବିରଖମ୍ବ ଠିକାଦାର ସଂଘ ଗଠନ କରାଯାଇଛି। ସଭାପତି ଭାବେ ସୁପ୍ରକାଶ ମହାନ୍ତି, ସମ୍ପାଦକ ଭାବେ ଜିତେନ୍ଦ୍ର ମହାପାତ୍ର, ଉପ ସଭାପତି ଭାବେ ରାଜ କୁମାର ଧଳ ଏବଂ କୋଷାଦକ୍ଷ ଭାବେ ଏମ ଶିବା କୁମାର ଦାୟିତ୍ୱ ପ୍ରଦାନ କରାଯାଇଛି।

# ନାଲକୋ ପ୍ରଭାବିତ ଅଞ୍ଚଳବାସୀଙ୍କ ନ୍ୟାୟ ପାଇଁ ଲଢେଇ ଧମକ

ସେମିଲିଗୁଡା: ୨୯।୧ (ସମିସ): ନାଲକୋ ପ୍ରଭାବିତ ଅଞ୍ଚଳବାସୀ ଆସନ୍ତା ଫେବୃଆରୀ ୬ ରେ ନ୍ୟାୟ ପାଇଁ ଲଢେଇ କାର୍ଯ୍ୟକ୍ରମ କରିବା ନିମନ୍ତେ ନିଷ୍ପତ୍ତି ହେଇଥିବା ସୂଚନା ମିଳିଛି। ସମିଲିଗୁଡା ଆମ୍ବା ଗାର୍ଡେନ ଠାରେ ମଙ୍ଗଳବାର ରାତିରେ ଆନ୍ଦୋଳନ ପାଇଁ ଏକ ପ୍ରସ୍ତୁତି ବୈଠକରେ ଆୟୋଜନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଓ ଆନ୍ଦୋଳନର ଆବାହକ ରୂପକ ଟୁରୁକ୍ ,ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସନ୍ତା, ମାଲକାନଗିରି ପୂର୍ବତନ ବିଧାୟକ ନିମାଇଁ ସରକାର, ଜିଲ୍ଲା ପରିଷଦ ସଦସ୍ୟ ମିହିର କୁଲଦୀପ, ମୋହନ ଜାନୀ, ଧନପତୀ ସାନ୍ତା, ହିଙ୍ଗୁ ସାଉନ୍ତା, ଯୁବ କଂଗ୍ରେସ ସଭାପତି ଜଗଦୀଶ ବାଘ୍, କଂଗ୍ରେସ ନେତା, ଯୁବ ନେତା, କର୍ମୀ, ନାଲକୋ ପ୍ରଭାବିତ ଅଞ୍ଚଳର ସମସ୍ତ ସଂଗଠନର ପ୍ରମୁଖ ସଦସ୍ୟ ଏବଂ ସେମାନଙ୍କ କାର୍ଯ୍ୟକର୍ତା ବୃନ୍ଦ, ସମସ୍ତ ବୁଦ୍ଧିଜୀବୀ, ଯୋଗ ଦେଇଥିଲେ। ବିଭିନ୍ନ ଗ୍ରାମର ପ୍ରଭାବିତ ଅଞ୍ଚଳବାସୀଙ୍କ ସମସ୍ୟାକୁ ନେଇ ବୈଠକରେ ଆଲୋଚନା କରିଥିଲେ। ବିକାଶ ନାହିଁ ତ କାରଖାନା ନାହିଁ। ଚାକିରି ନାହିଁ ତ କାରଖାନା ନାହିଁ ବୋଲି ସ୍ଲୋଗାନ ଗୁଡିକ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ହେଇଛି।

# ଶ୍ରୀ ସିଦ୍ଧେଶ୍ୱର ମନ୍ଦିରର ବାର୍ଷିକୋତ୍ସବ

ଦାମନଯୋଡ଼ି,୨୯।୧ (ସମିସ): ଭେଜାପୁଟ ସ୍ଥିତ ଶ୍ରୀଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରର ବାର୍ଷିକୋତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ଦିନ ଅଧିବାସ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା ବେଳେ ମଙ୍ଗଳବାର ସକାଳ ୬ଟାରୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିସହିତ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ରୁଦ୍ରାଭିଷେକ ହୋଇଥଲା। ରୁଦ୍ରାଭିଷେକରେ ମଳୟ ସ୍ୱାଇଁ ଓ ତାଙ୍କ ଧର୍ମପତ୍ନୀ ରୀତାଞ୍ଜଳି କର୍ତ୍ତା ଦାୟିତ୍ୱ



ତୁଲାଇଥିଲେ। କୈଳାସ ଚନ୍ଦ୍ର ମାହୁନ୍ତ ଅଷ୍ଟପ୍ରହରୀର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ମାନସ କୁମାର ଦାଶଙ୍କ ସହିତ ସନ୍ତୋଷ କୁମାର ଦାଶ, ତୃପ୍ତିରାଜ ରଥ ଓ ଦେବେନ୍ଦ୍ର ଦାଶ ସମସ୍ତ ପୂଜା କାର୍ଯ୍ୟ ଓ ନୀତିକାନ୍ତି ତୁଲାଇଥିଲେ। ସନ୍ଧ୍ୟାରେ ସାର୍ବଜନୀନ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ସରୋଜ କୁମାର ସ୍ୱାଇଁ ଓ ତାଙ୍କ ଧର୍ମପତ୍ନୀ ଚାରୁଲତା ସ୍ୱାଇଁ, ବାବୁଲି କୁମାର ସ୍ୱାଇଁ, ଉପେନ୍ଦ୍ର ପାଣିଗ୍ରାହୀ, ସୌଭାଗ୍ୟ ବସ୍ତିଆ, ଅଜୟ କୁମାର ଜେନା, ସୋମନାଥ ସାମନ୍ତରାୟ, ଅଜୟ ପଣ୍ଡା, ହରିବନ୍ଧୁ ବିଶ୍ୱାଳ, ଅଭିମନ୍ୟୁ ବିଶ୍ୱାଳ, ଶଶୀଭୂଷଣ ପରିଡ଼ା, ଜଳେନ୍ଦ୍ର ତ୍ରିପାଠୀ ଓ ସୁରେନ୍ଦ୍ର ମଲ୍ଲଙ୍କ ସହିତ ଶ୍ରୀ ସିଦ୍ଧେଶ୍ୱର ବଣିକ ସଂଘ ସଦସ୍ୟ ଓ ଗ୍ରାମବାସୀ ମିଳିତ ଭାବେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ବୁଧବାର ସକାଳେ ନାମ ସମାପନ ପରେ ନଗର ପରିକ୍ରମା, ଦଧିହାଣ୍ଡି ଭଗ୍ନ ଓ ଯମୁନା ସ୍ନାନ କାର୍ଯ୍ୟକ୍ରମ ରହିଛି।

# ଅନ୍ତଃ ଜିଲ୍ଲା ଯୁବ ବିନିମୟ କାର୍ଯ୍ୟକ୍ରମ

ନବରଙ୍ଗପୁର,୨୯।୧ (ସମିସ): ସ୍ଥାନୀୟ ଡିପିଆର୍‌ସି ସମ୍ମିଳନୀ କକ୍ଷରେ ମେରା ଯୁବା ଭାରତ, ନବରଙ୍ଗପୁର ତରଫରୁ ଅନ୍ତଃ ଜିଲ୍ଲା ଯୁବା ବିନିମୟ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ପ୍ରଥମେ ମୋ ଯୁବ ଭାରତର ଯୁବ ଅଧିକାରୀ ଭି ରମେଶ ସମସ୍ତଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆସନ୍ତା ୩୧ ଜାନୁୟାରୀ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ବିଶେଷ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଖୋର୍ଦ୍ଧା ଜିଲ୍ଲାରୁ ଆସିଥିବା ମନୋନୀତ ୩୬ ଜଣ ଯୁବାଙ୍କୁ ଏହି ବିନିମୟ କାର୍ଯ୍ୟକ୍ରମରେ ସ୍ୱାଗତ କରି ନବରଙ୍ଗପୁର ଜିଲ୍ଲାର ସଂସ୍କୃତି, ଇତିହାସ ସ୍ଥଳୀ, ପର୍ଯ୍ୟଟନୀ ସ୍ଥଳ, ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ପରିଦର୍ଶନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ କମାଡେଣ୍ଟ ୧୨ ବାଟାଲିୟନ ସିଆରପିଏଫ ଏନ୍ କେ କେ ପ୍ରସାଦ, ଡି ଆଇ ପି ଆର୍ ଓ ମନୋଜ ବେହେରା ଯୋଗ ଦେଇଥିଲେ। ଏହି ଯୁବ, ଛାତ୍ର ଛାତ୍ରୀମାନେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ପୋଡ଼ଗଡ, ଭଣ୍ଡାରଘରଣୀ ମନ୍ଦିର, ପେନ୍ଦ୍ରାଣି ମନ୍ଦିର, କୋଲାବ ଡ୍ୟାମ୍, ସହିଦ ମିନାର, ମଙ୍ଗଳମ୍ ଡିମ୍ବର, ମୁଖିଗୁଡ଼ା ଡ୍ୟାମ୍, ଚନ୍ଦନଧାରା ଇତ୍ୟାଦି ସହ ଯୁବା ଉପଯୋଗୀ ବିଷୟରେ ଶ୍ରେଣୀରେ ଉପସ୍ଥିତ ରହି ଜ୍ଞାନ ଅର୍ଜନ କରିବେ।

# ରାଜା ଚୈତନ୍ୟ ଦେବ ହାଇସ୍କୁଲ ପୁରାତନ ଛାତ୍ର ସମାବେଶ




ନବରଙ୍ଗପୁର,୨୯।୧(ସମିସ): ନବରଙ୍ଗପୁର ରାଜା ଚୈତନ୍ୟ ଦେବ ହାଇସ୍କୁଲର ୧୯୮୮ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଦୂରଦୂରାନ୍ତ ଏପରିକି ଭୁବନେଶ୍ୱର, ରାୟଗଡ଼ା, ଜୟପୁର, ଉମରକୋଟ, ବୋରିଗୁମ୍ମା ଠାରୁ ଆସି ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାକେଶ ଗୁପ୍ତା, ଏ ଅରୁଣ କୁମାର, ବୁଡୁ ମହାପାତ୍ର, ଓଁକାର ପଟ୍ଟନାୟକ, ଟି ଶ୍ରୀପତି , ଅଜିତ୍ ରଥ ଓ ବିଭୁ ଲେଙ୍କା ପ୍ରମୁଖ ସମସ୍ତ ସହଯୋଗ କରିଥିଲେ।

# ଆନ୍ଧ୍ର ଅଧିକାରୀଙ୍କ ଅନୁପ୍ରବେଶକୁ କୋଟିଆ ପୁଲିସର ବିରୋଧ

ପଟ୍ଟାଙ୍ଗି,୨୯।୧(ସମିସ): କୋଟିଆରେ ଆନ୍ଧ୍ର ଅଧିକାରୀଙ୍କ ଅନୁପ୍ରବେଶ କରିଥିବା ଦେଖି ଘଉଡାଇଲା କୋଟିଆ ପୁଲିସ। ଆନ୍ଧ୍ର ରାସନ କାର୍ଡ ପ୍ରଦାନ କରିବା ନିମନ୍ତେ ସର୍ଭେ କରିବାକୁ କରିଥିଲେ ଅନୁପ୍ରବେଶ। ସୂଚନା ଅନୁଯାୟୀ ଆଜି ଆନ୍ଧ୍ର ପ୍ରଦେଶର ପଞ୍ଚାୟତ ତଥା ସଚିବାଳୟର ଅଧିକାରୀମାନେ ଉପର ସେମ୍ବି ଗ୍ରାମରେ ଅନୁପ୍ରବେଶ କରିଥିଲେ। ସେଠାରେ ଗ୍ରାମବାସୀ ମାନଙ୍କୁ ଏକତ୍ରିତ କରିଥିଲେ। ଲୋକଙ୍କୁ ଆନ୍ଧ୍ର ସରକାରଙ୍କ ରାସନ କାର୍ଡ ପ୍ରଦାନ କରିବା ନିମନ୍ତେ ସର୍ଭେ ଆରମ୍ଭ କରିଥିଲେ। ଉକ୍ତ ବିଷୟ ନେଇ ସୂଚନା ପାଇ କୋଟିଆ ପୋଲିସ ଘଟଣା ନିକଟରେ ପହଞ୍ଚିଥିଲେ। ସେମାନଙ୍କୁ ବିରୋଧ କରିବା ପରେ ସନେ ଛତ୍ରଭଙ୍ଗ ହୋଇ ସେଠାରୁ ଫେରିଯାଇଥିବା ନେଇ ଜଣାପଡିଛି। ପ୍ରକାଶ ଥାଉକି ଗତ କିଛି ଦିନଧରି ଆନ୍ଧ୍ର ପ୍ରଦେଶ ଅନୁପ୍ରବେଶ ବଢିବା ସହ ଓଡ଼ିଶାର କାର୍ଯ୍ୟକ୍ରମ ଗୁଡ଼ିକୁ ଭଣ୍ଡୁର କରିବା ନିମନ୍ତେ ପ୍ରୟାସ ଆରମ୍ଭ କରିଅଛନ୍ତି। କୋଟିଆ ପଞ୍ଚାୟତ ରେ ଗତ ରବିବାର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଗସ୍ତ



ନେଇ କାର୍ଯ୍ୟକ୍ରମ ରହିଥିଲା। ଏଥିନେଇ ଉପର ସେମ୍ବି ଗ୍ରାମରେ ତମ୍ବୁ ଲଗାଇ ପ୍ରସ୍ତୁତି କରାଯାଇଥିଲା। ଏଥିନେଇ ଆନ୍ଧ୍ର ନିକଟରେ ସୂଚନା ମିଳିଥିଲା। ସ୍ଥାନୀୟ ଲୋକଙ୍କୁ ଓଡ଼ିଶା ଏଠାରେ ଖଣି ଖନନ କରିବା ନିମନ୍ତେ ଯୋଜନା କରି ଉକ୍ତ କାର୍ଯ୍ୟକ୍ରମ କରାଉଚି କହି ଅପ ପ୍ରଚାର କରିଥିଲେ। ଯାହା ଫଳରେ ସ୍ଥାନୀୟ ଲୋକେ ସେଠାରେ ଗୋଷ୍ଠିଗତ ଭାବେ ପହଞ୍ଚି ଲାଗିଥିବା ତମ୍ବୁ ଗୁଡ଼ିକୁ ଉପାଡ଼ି ଦେଇଥିଲେ। ହେଲେ ମଧ୍ୟ ଆନ୍ଧ୍ର ପ୍ରଶାସନ ର ଉକ୍ତ ଷଡ଼ଯନ୍ତ୍ର କୁ ଚାଲେଞ୍ଜ କରି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେବ ରବିବାର ପହଞ୍ଚି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ ଦେଇଥିଲେ।ଉକ୍ତ କାର୍ଯ୍ୟକ୍ରମ ସଫଳ ହେବା ଦେଖି ଆନ୍ଧ୍ର ନୂତନ ଭାବେ ଉପର ସେମ୍ବି ଗ୍ରାମରେ ମଙ୍ଗଳବାର ଆନ୍ଧ୍ର ପ୍ରଦେଶର ଜନସେନା ଦଳର ଜନପ୍ରତିନିଧି ଅନୁପ୍ରବେଶ କରିଥିଲେ। ଲୋକଙ୍କୁ ଉକ୍ତ ପ୍ରକଳ୍ପ କେବଳ ଖଣି ଖନନ ପାଇଁ ଓଡିଶା କରୁଛି ବୋଲି ଭୁତାଇ ଥିଲେ। ଆଗାମୀ ଦିନରେ ଉକ୍ତ ପ୍ରକଳ୍ପ ବିରୋଧରେ ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ମାମଲା ଦାୟର କରିବା ପାଇଁ ରାଜ୍ୟ ସରକାରଙ୍କୁ ଏକ ଚିଠି ଲେଖିବେ ବୋଲି ଲୋକଙ୍କୁ କହିଥିଲେ।

# ଇନ୍ଦ୍ରାବତୀ ଠିକାଦାର ସଂଘ ବୈଠକ

ତେନ୍ତୁଲିଖୁଣ୍ଟି,୨୯।୧(ସମିସ): ଇନ୍ଦ୍ରାବତୀ ଗୋପାଳ ଶ୍ରୀକ୍ଷେତ୍ର ପରିସରରେ ସ୍ଥାନୀୟ ଠିକାଦାର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଠିକାଦାର ଏକତ୍ରିତ ହୋଇ ନିଜ ସମସ୍ୟା ଗୁଡିକ ଉପସ୍ଥାପନ କରି କିଭଳି ସମାଧାନ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ସରକାରଙ୍କ ତରଫରୁ ବିଭିନ୍ନ ଠିକା କାର୍ଯ୍ୟରେ ନିର୍ଦ୍ଧାରଣ ସୀମା ୧୪. ୯୯ ରହିଛି । ଏହାକୁ ବିରୋଧ କରି ଠିକାଦାର ସଂଘ ତରଫରୁ ସମସ୍ତ ଠିକାଦାର କୋଣସି ନିର୍ଦ୍ଧାରଣ ବିନା କମରେ ଟେଣ୍ଡର ଭରିବା ପାଇଁ ନିଷ୍ପତି ନେଇଛନ୍ତି । ବିନା ଲେସରେ ଟେଣ୍ଡର ପକାଇ ଲଟେରୀ ମାଧ୍ୟମରେ ଟେଣ୍ଡର ପାଇଲେ ସମସ୍ତ ଠିକା କାର୍ଯ୍ୟ ଠିକ ଭାବରେ ହୋଇପାରିବ ବୋଲି ଠିକାଦାର ସମୂହ ମତ ରଖିଥିଲେ। ବୈଠକରେ ଠିକାଦାର ଚନ୍ଦ୍ର ଶେଖର ଦଳେଇ, ପ୍ରଭାତ କୁମାର ପ୍ରଧାନ, ଯୋଗବନ୍ଧୁ ସାମଲ, ସୁରେଶ ଦାସ, ଚନ୍ଦନ ନାୟକ, ସୁଦନ ପାଣ୍ଡିଆ, ନରେନ୍ଦ୍ର ଭାରତୀ, ଈଶ୍ୱର ହରିଜନ, ସୁରେଶ ପରିଡା, ଡି ମୋହନ ରାଓ, ବିପିନ ହିଆଲ, ଜ୍ଞାନ ମହାନ୍ତି, ସମୀର ଭଞ୍ଜଙ୍କ ସମେତ ଅନ୍ୟ ଠିକାଦାର ବୃନ୍ଦ ଉପସ୍ଥିତ ଥିଲେ। ସିଡୁଲ ଦରରେ ଟେଣ୍ଡର ଭରିବା ପାଇଁ ସମସ୍ତ ଠିକାଦାର ନିଷ୍ପତି ନେଇଥିଲେ। ଆଗାମୀ ଦିନରେ ଏକତା ବଜାୟ ରଖି ସମସ୍ତ ଠିକାଦାର ସମୂହ ମିଳିତ ଭାବରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ନିଷ୍ପତି ହୋଇଥିଲା ।

# କୋରାପୁଟ ବନାଞ୍ଚଳରେ ସଫେଇ କାର୍ଯ୍ୟକ୍ରମ

କୋରାପୁଟ,୨୯।୧(ସମିସ): କୋରାପୁଟ ପୌର ପରିଷଦ ରଙ୍ଗବାଲିକୁମ୍ଭା ନିକଟ କୋଲାବ ଜଳ ଭଣ୍ଡାର କୂଳରେ ରହିଥିବା ପର୍ଯ୍ୟଟନ ସ୍ଥଳୀ ପଣ୍ଡି ଘାଟରେ କୋରାପୁଟ ବନାଞ୍ଚଳ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ପଣ୍ଡି ଘାଟ କୋରାପୁଟ ସହର ଠାରୁ ମାତ୍ର ୮ କିଲୋମିଟର ହୋଇଥିବା ଯୋଗୁ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ବୁଲିବା ପାଇଁ ଆସି ଭୋଜି ଭାତ କରି ମଜା ନେଇଥାନ୍ତି। ପର୍ଯ୍ୟଟକ ମାନେ ଯିବା ପୂର୍ବରୁ ସେମାନେ ବ୍ୟବହାର କରିଥିବା ପଲିଥିନ୍, ପରିବା ଚୋପା, ବ୍ୟବହୃତ ପେପର ପ୍ଲେଟ, ପ୍ଲାଷ୍ଟିକ ଗ୍ଲାସ୍ ଏଣେତେଣେ ଫିଙ୍ଗି ଚାଲି ଯାଉଛନ୍ତି। ଯାହା ଦ୍?ାରା ପର୍ଯ୍ୟଟନ ସ୍ଥଳୀ ଅପରିଷ୍କାର ହୋଇଥାଏ। ତେଣୁ ବନ ବିଭାଗ ସଫା କରିବା ପାଇଁ ନିଷ୍ପତି ନେଇ ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସହାୟତାରେ ଆଜି ସଫେଇ କାର୍ଯ୍ୟକ୍ରମ କରିଥିଲା। ସ୍ଥାନୀୟ ବାସିନ୍ଦା ପାହାଡ଼କୁ ଗୋରୁ ଗାଈ ଚରାଇବା ପାଇଁ ଆସୁଥିବା ବେଳେ ଅନେକ ସମସ୍ୟା ଭୋଗୁଛନ୍ତି। ପର୍ଯ୍ୟଟନ ସ୍ଥଳୀକୁ ସଫା ରଖିବା ସହିତ ପ୍ଲାଷ୍ଟିକ ଫ୍ରି କରିବା ପାଇଁ କୋରାପୁଟ ବନାଞ୍ଚଳ ତରଫରୁ ପ୍ରୟାସ କରାଯାଇଛି। ଯେଉଁ ପର୍ଯ୍ୟଟକ ମାନେ ପଣ୍ଡି ପିକନିକ ସ୍ପଟକୁ ଆସୁଛନ୍ତି। ସେମାନେ ଏଥି ପ୍ରତି ସଚେତନତା ହେବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। କୋରାପୁଟ ବନାଞ୍ଚଳ ଅଧିକାରୀ ଏସ କେ ପାହାଡ଼ସିଂ ଏବଂ ଅନ୍ୟମାନେ ଉପସ୍ଥିତ ରହି ସଫେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଭିନ୍ନ ସୁବିଧାରୁ ବଞ୍ଚିତ ଶିରାଘାଟ ଗ୍ରାମବାସୀ



ବୈପାରୀଗଡ଼ା,୨୯।୧(ସମିସ): ଗ୍ରୀଷ୍ମ ପୂର୍ବରୁ ପାନୀୟ ଜଳର ଘୋର ଅଭାବ ଦେଖିବାକୁ ମିଳିଛି। ପାଣି ସମସ୍ୟା ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଗାଁରେ ପାନୀୟ ଜଳ ଯୋଗାଇ ଦେବାକୁ ସରକାରଙ୍କ ମାଳ ମାଳ ଯୋଜନାରେ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ହେଲେ ତାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି ଜନସାଧାରଣ। ଆଜି ବି ଚୁଆ ପାଣି ଉପର ନିର୍ଭରଶୀଳ ଗ୍ରାମବାସୀ । ଏଭଳି ବାସ୍ତବ ଚିତ୍ର କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଚିପାକୁର ପାଞ୍ଚୟତର ଶିରାଘାଟ ଠାରେ ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳର ଉନ୍ନତି ହେଲେ ଦେଶର ବିକାଶ ହେବ ବୋଲି ସରକାର କହୁଥିବା ବେଳେ ଗ୍ରାମାଞ୍ଚଳରେ ପାନୀୟ ଜଳ ଭଳି ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଶିରାଘାଟ ଗାଁରେ ଲୋକେ ପାଣି ମୁନ୍ଦାଏ ପାଇଁ ହନ୍ତସନ୍ତ ହେଉଛନ୍ତି। ଏହି ଗ୍ରାମରେ ୨୫ ପରିବାର ବସବାସ କରନ୍ତି। ହେଲେ ଏଠାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁବିଧା ନାହିଁ । ପାଞ୍ଚ ବର୍ଷ ପୂର୍ବେ ଗୋଟିଏ ନଳକୂପ ଖନନ ହୋଉଛି । କିନ୍ତୁ ସେ ଆରମ୍ଭରୁ ଅଚଳ । କୂଅ ଅଛି କିନ୍ତୁ ପାଣି ନିଅଣ୍ଟ। ବାଧ ହୋଇ ଗାଁ ନିକଟରେ ଥିବା ଛୁଆଁ ପାଣି ଉପରେ ନିର୍ଭର କରନ୍ତି ମହିଳା। ଚୁଆ ପାଣି ଦୂଷିତ ବୋଲି ଜାଣିଥିଲେ ମଧ୍ୟ ବାଧ ହୋଇ ବ୍ୟବହାର କରୁଥିବା କହିଛନ୍ତି ଗାଁର ମହିଳା ସମ୍ବରୀ ଖରା ଏବଂ ଡାଲମି ଖରା। ଶିରାଘାଟର ପାନୀୟ ଜଳ ସମସ୍ୟାକୁ ନେଇ ଗ୍ରାମବାସୀ ବହୁବାର ଦାବି କରିଛନ୍ତି । କିନ୍ତୁ ଫଳ ଶୂନ। ଗାଁ ଲୋକଙ୍କ ଅଭିଯୋଗ ପରେ ଗାଁରେ ପାଞ୍ଚ ବର୍ଷ ପୂର୍ବେ ନଳକୂପ ଖନନ ହେଲା । କିନ୍ତୁ ଆରମ୍ଭରୁ ସେ ଅଚଳ ଅବସ୍ଥାରେ ପଡି ରହିଛି । ଗତ ବର୍ଷ ପ୍ରଶାସନ ପକ୍ଷରୁ ଗାଁରେ ନଳକୂପ ଖନନ ହୋଇଛି । କିନ୍ତୁ ପାଣି ବାହାରିଲା ନାହିଁ । ଏବେ ବାଧ ହୋଇ ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି ବୋଲି କହିଛନ୍ତି ଗାଁର ବଳି ଖରା ଏବଂ ସତ୍ୟ ଖରା। ସେପଟେ ଏହି ସମସ୍ୟା କୁ ନେଇ ସ୍ଥାନୀୟ ସରପଞ୍ଚ ରାଜୁ ଖିଲ କୁ ବୁଝିବାରୁ ସେ କହିଛନ୍ତି, ଏହି ସମସ୍ୟା ବିଷୟରେ ସେ ଅବଗତ ଅଛନ୍ତି । ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରାଯାଇଛି। ଚଳିତ ଗ୍ରୀଷ୍ମ ପୂର୍ବରୁ ପାଣି ସମସ୍ୟା ସମାଧାନ ପାଇଁ ଚେଷ୍ଟା କରାଯିବ।

# ଜିଲ୍ଲାସ୍ତରୀୟ ଠିକାଦାର ସଂଘ ବୈଠକ

ପାପଡାହାଣ୍ଡି, ୨୯।୧(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଡାକ ବଙ୍ଗଳା ଠାରେ ଜିଲ୍ଲା ସ୍ତରୀୟ ଠିକାଦାର ସଂଘର ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଆଲୋକ ବିଷୋୟୀ, ସନ୍ଦୀପ ବିଶୋୟୀ, ପ୍ରଭାତ ବିଶୋୟୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବୈଠକ ରେ ଜିଲ୍ଲା ଠିକାଦାର ସଂଘ ସମସ୍ତ ସଦସ୍ୟଙ୍କୁ ସେଡୁଲ ରେଟରେ କାମ କରିବା ପାଇ ଆହ୍ୱାନ କରାଗଲା। ବାହାର ଜିଲ୍ଲାର ଠିକାଦାରଙ୍କୁ ନବରଙ୍ଗପୁର ଜିଲ୍ଲା ରେ କୌଣସି କାମ କରେଇ ଦିଆଯିବ ନାହିଁ। ଯଦି କୌଣସି ଜିଲ୍ଲା ବାହାର ଠିକାଦାର ଅନ୍‌ଲାଇନରେ ଟେଣ୍ଡର ପକାନ୍ତି, ତା ହେଲେ ସେମାନଙ୍କୁ କୌଣସି ଠିକାଦାର ସହଯୋଗ କରିବେ ନାହିଁ ଓ ବିରୋଧ ପ୍ରଦର୍ଶନ କରାଯିବ ଏବଂ କଞ୍ଚାମାଲ ଓ ଦିଆଯିବ ନାହିଁ ବୋଲି ସଂଘ ତରଫରୁ ନିଷ୍ପତି ନିଆଯାଇଥିଲା। ଏହି ବୈଠକରେ ନବରଙ୍ଗପୁର ଜିଲ୍ଲାର ପ୍ରତ୍ୟେକ ବ୍ଲକର ଦୁଇ ଜଣ ଲେଖାଏଁ ସଂଯୋଜକ ବଚ୍ଛା ଯାଇଥିଲା। ପାପଡାହାଣ୍ଡି ବ୍ଲକର ଦୁଇ ଜଣ ସଂଯୋଜକ ସଂଜୀବ କୁମାର ନାଗ, ଅକ୍ଷୟ ବିଷୋୟୀ, ନନ୍ଦାହାଣ୍ଡି ବ୍ଲକ ରୁ ମକରନ୍ଧ ବାଘ, ଖଗେଶ୍ୱର ଗୌଡ଼, ନବରଙ୍ଗପୁର ବ୍ଲକରୁ ଅନିଲ ରାଓ, ପ୍ରତାପ ଦାସ, ତେନ୍ତୁଲୀଖୁଣ୍ଟି ବ୍ଲକରୁ ଚନ୍ଦନ ଚୌଧୁରୀ, ଡି ମୋହନ ରାଓ, ଡାବୁଗାଁ ବ୍ଲକ ରୁ ସୁରେନ୍ଦ୍ର ମିଶ୍ର, ସୁବ୍ରଜିତ ପାଣିଗ୍ରାହୀଙ୍କୁ ଚୟନ କରାଯାଇଥିଲା। ସଂଜୀବ ନାଗ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ହରିଶଙ୍କର ରାଓ ଓ ସଞ୍ଜୟ ଅଗ୍ରୱାଲ ପରିଚାଳନା କରିଥିଲେ।

# ସୁଭଦ୍ରା ଶକ୍ତି ମେଳା ପାଇଁ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୨୯।୧(ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ଅଧ୍ୟକ୍ଷତାରେ ଆସନ୍ତା ଫେବୃୟାରୀ ୨୧ ରୁ ୨୭ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ରେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାଏକ, ଡିପିସି ମିଶନ ଶକ୍ତି ନିରଞ୍ଜନ ଟାଙ୍ଗାରାଙ୍ଗା, ଓରମାସ ସହକାରୀ ସିଇ ଓରୋ ସନ୍ କାର୍ତ୍ତିକ, ଡିଆଇପିଆର୍‌ଓ ମନୋଜ ବେହେରା, ବିଡିଓ ନବରଙ୍ଗପୁର ସୁନିଲ ଖୁରା,ଡିସିଓ ଘାସିରାମ ହରିଜନ, ଇଓ,ମ୍ୟୁନିସିପାଲଟି ଅଶୋକ କର୍ଣ୍ଣ, ସମାଜ କଲ୍ୟାଣ କାର୍ଯ୍ୟାଳୟ ଅଧିକାରୀ ରମା ପଟ୍ଟନାୟକ, ଜିଲ୍ଲା ପରିଷଦର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ପୁଲିସ କାର୍ଯ୍ୟକ୍ରମ

ପୋଡ଼ାଗଡ଼,୨୯।୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ଥାନାରେ ଦୁଇ ଜଣ ଥାନା ଅଧିକାରୀ ଭିଜିଲାନ୍ସ ଜାଲରେ ଛନ୍ଦି ହେବାପରେ ଥାନାରେ ଅଧିକାରୀ ପଦ ଖାଲିପଡ଼ିଥିଲା। କିନ୍ତୁ ୨୨ ତାରିଖ ଦିନ ଚରଣ ସିଂ ମାଝୀ ଥାନା ଅଧିକାରୀ ଭାବେ ଯୋଗଦେଇଥିଲେ। ଆଜି ଦଶମନ୍ତପୁର ଥାନା ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମ କରି ଦଶମନ୍ତପୁରର ନେତା ଓ ଜନତାଙ୍କର ହୃଦୟ ଜିଣିଥିବା ସ୍ଥାନୀୟ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ରମାକାନ୍ତ ଦଳେଇ କହିଛନ୍ତି। ଆମ ପୋଲିସ କାର୍ଯ୍ୟକ୍ରମ ଥାନା ଅଧିକାରୀ ଚରଣ ସିଂ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କୋରାପୁଟ ଉପଖଣ୍ଡ ପୁଲିସ ଅଧିକାରୀ ସଞ୍ଜୟ ମଣ୍ଡଳ ଯୋଗଦେଇ ଜନସାଧାରଣ ଓ ପୁଲିସ ମଧ୍ୟରେ ସୁସମ୍ପର୍କ ରଖିବା, ଟ୍ରାଫିକ ନିୟମ ମାନିବାକୁ ଓ ଆଇନକୁ ହାତକୁ ନ ନେବା ପାଇଁ ଉପସ୍ଥିତ ଜନପ୍ରତିନିଧି ଓ ଜନ ସାଧାରଣଙ୍କୁ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ସ୍ଥାନୀୟ ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଧନପତି ସାଉନ୍ତା ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ହୁଇକା ସ୍ଥାନୀୟ ସମିତି ସଭ୍ୟା ମଧୁସ୍ମିତା ବାଘ, ବରିଷ୍ଠ ସାମ୍ବାଦିକ ପ୍ରମୋଦ ନାୟକ, ସବ୍ ଇନ୍ସପେକ୍ଟର ନୀଳାଦ୍ରି କହର ସମେତ ଥାନାର ସମସ୍ତ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# କୁନ୍ଦୁରା ବ୍ଲକ୍ ମହକୁମାରେ ଭାଲୁ ଆତଙ୍କ

କୁନ୍ଦୁରା, ୨୯।୧(ସମିସ): କୁନ୍ଦୁରା ବ୍ଲକ ସଦର ମହକୁମା ଠାରେ ଭାଲୁ ଆତଙ୍କ ଦେଖିବାକୁ ମିଳିଛି । ଖାଦ୍ୟ ଅନ୍ୱେଷଣ ନିମନ୍ତେ ଗାଁ ମୁହାଁ ହେଉଛନ୍ତି ଜଙ୍ଗଲୀ ଭାଲୁ । କିଛିଦିନ ନୀରବ ପରେ ଏବେ ଭାଲୁ ଆତଙ୍କ ଦେଖିବାକୁ ମିଳିଛି । ଦୁଇଟି ଭାଲୁ ସନ୍ଧ୍ୟା ହେବା ମାତ୍ରେ କୁନ୍ଦୁରା ବ୍ଲକର ସାଗରଗୁଡା ଅଞ୍ଚଳରେ ବୁଲୁଥିବାର ଭିଜୁଆଲ ଅଞ୍ଚଳବାସୀଙ୍କ ମୋବାଇଲରେ କଏଦ ହୋଇ ଭିଡିଓ ଭାଇରାଲ ହେବାରେ ଲାଗିଛି। ସୂଚନା ଥାଉକି, ବିଗତ ଦିନରେ କୁନ୍ଦୁରା ବନାଞ୍ଚଳରେ ଭାଲୁ ଆକ୍ରମଣରେ କିଛି ଜୀବନ ଯାଇଛି । ଆଉ କିଛି ଗୁରୁତର ମଧ୍ୟ ହୋଇଛନ୍ତି । ଏଥିଲାଗି ପୂର୍ବରୁ ମଧ୍ୟ ବନ ବିଭାଗ ତରଫରୁ ଖାଦ୍ୟ ଗୁଡ଼ିକୁ ରାସ୍ତାରେ ନ ଫୋପାଡିବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା । ଏବେ ରାସ୍ତାରେ ଆଉ ଖାଦ୍ୟ ଫୋପାଡି ନାହାନ୍ତି, ତଥାପି ରାସ୍ତା ମଝିରେ ଭାଲୁ ବୁଲିବା ଲୋକଙ୍କ ମଧ୍ୟରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସେପଟେ ଜଙ୍ଗଲ ନଷ୍ଟ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ବିଦ୍ଧିଜୀବୀ ମହାଲରେ ଆଲୋଚନା ହେଉଛି । ଆଉ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଜୋରଦାର କରିବା ପାଇଁ ସାଧାରଣରେ ଦାବି ହୋଇଛି । ଏନେଇ କୁନ୍ଦୁରା ବନପାଳ ଦେବେନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଲୋକଙ୍କୁ ସତର୍କ ରହିବା ପାଇଁ ବନ ବିଭଗ ପକ୍ଷରୁ ସହରରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯିବ। ବ୍ଲକ ସଦର ମହକୁମା ମୁଖ୍ୟ ରାସ୍ତାରେ ଯଦି ଭାଲୁ ଆତଙ୍କ ରହିଛି ପାହାଡ଼ ଜଙ୍ଗଲ ମଧ୍ୟରେ ଥିବା ଗ୍ରାମାଞ୍ଚଳ ଅବସ୍ଥା କିପରି ଥିବ ସହଜରେ ଅନୁମାନ କରି ହେଉଛି।

# ଅଭିଭାବକ, ଶିକ୍ଷକଙ୍କ ମଧ୍ୟରେ କ୍ରିକେଟ୍ ପ୍ରତିଯୋଗିତା

ସୁନାବେଡ଼ା ,୨୯।୧(ସମିସ): ଡିଏଭି ଭିଏସ୍ ବିଦ୍ୟାଳୟରେ ଅଭିଭାବକ ଏବଂ ଶିକ୍ଷକମାନଙ୍କ ମଧ୍ୟରେ କ୍ରିକେଟ୍ ପ୍ରତିଯୋଗିତା ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବାସୁଦେବ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କ୍ରିକେଟ୍ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଏଚ୍‌ଏଏଲ୍ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀରଙ୍ଗ ଏ କୋଠେଙ୍କ ଉପସ୍ଥିତିରେ ମ୍ୟାଚର ଶୁଭାରମ୍ଭ ହୋଇଥିଲା। ଏହି ମ୍ୟାଚର ଅଭିଭାବକ ଦଳର କ୍ୟାପ୍‌ଟେନ୍ ଏନ୍




ରବି ଶଙ୍କର ପଟ୍ଟନାୟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲେ। ଶିକ୍ଷକ ଦଳର କ୍ୟାପଟେନ ଥିଲେ ପ୍ରଶାନ୍ତ ପଟ୍ଟନାୟକ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ଉଭୟ ଦଳଙ୍କୁ ଉତ୍ସାହିତ କରିଥିଲେ। ଅଭିଭାବକ ଦଳର ଖେଳାଳି ଦଶ ଓଭରରେ ୧୪୫ ରନ୍ କରିଥିଲ। ଅନ୍ୟ ଦଳର ଖେଳାଳୀମାନେ ଦଶ ଓ ଓଭରରେ ୭୭ ରନ୍ କରିଥିଲେ। ଏହି ମ୍ୟାଚରେ ଅଭିଭାବକ ଦଳ ବିଜୟୀ ହୋଇଥିଲେ। ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ଅଭିଭାବକ ଦଳର କୈଳାଶ ସେଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ତମ ବୋଲର ଭାବେ ଶିକ୍ଷକ ଦଳର ବାଦଲ କୁମାର ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଜୟୀ ଦଳକୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ।

# ଆରମ୍ଭ ହେଉନି ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍

କୋରାପୁଟ,୨୯।୧(ସମିସ): ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ସହ ମାନୁଆଲ ଡ୍ରାଇଭିଂ ଟେଷ୍ଟକୁ ବନ୍ଦ କରିବା ଏବଂ ମଧ୍ୟସ୍ଥି ଓ ଦଲାଲଙ୍କ ହସ୍ତକ୍ଷେପକୁ ହ୍ରାସ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟ ସିଷ୍ଟମ ପ୍ରତିଷ୍ଠା କରିବାକୁ ନିଷ୍ପତି ହୋଇଥିଲା। ଏଥିରେ ଅଟୋମେଟିକ ଡିଏଲ ଟେଷ୍ଟ ସହ ଦିଆଯିବ କମ୍ପ୍ୟୁଟରାଇଜଡ୍ ଟେଷ୍ଟରେ ଫିଟନେସ୍। ଏହି ପରିପ୍ରେକ୍ଷୀରେ କୋରାପୁଟ ଆରଟିଓକୁ ମଧ୍ୟ ମିଳିଥିଲା ଅନୁଦାନ ଏବଂ ଆରମ୍ଭ ହୋଇଥିଲା ନିର୍ମାଣ କାର୍ଯ୍ୟ। ପରିବହନ ବିଭାଗ ପ୍ରଥମେ ଟେଣ୍ଡର ମାଧ୍ୟମରେ ଅଡର ନଂ ୨୯୮୯/ଟିସି ତା୩-୩-୨୧ ରେ ୯୬ ଲକ୍ଷ ୨୧ ହଜାର ଟଙ୍କା ଅନୁଦାନ ଦେଇଥିଲେ। ପରବର୍ତ୍ତୀ ସମୟରେ ଅଡର ନଂ ୯୦୩୪/ଟିସି ତା୫-୭-୨୨ ରେ ପୂର୍ବ ଅନୁଦାନ ରାଶିକୁ ବାତିଲ କରି ପୁଣି ଥରେ ୧ କୋଟି ୬୦ ଲକ୍ଷ ୩୩ ହଜାର ୧ ଶହ ଟଙ୍କା ପ୍ରଦାନ କରାଯାଇଥିଲା। କିନ୍ତୁ ୨୦୨୧ ରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଏବେ ଯାଏଁ ନିର୍ମାଣ କାର୍ଯ୍ୟ ଚାଲିଛି। ଯାହାକୁ ନେଇ ଉଠୁଛି ସନ୍ଦେହ ଏବଂ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ। ଜିଲ୍ଲା ପରିବହନ ବିଭାଗ ପକ୍ଷର ଏଡିଟିଏସରେ କ୍ୟାମ୍ପସରେ ଟ୍ରାକ ଉପରେ ଡ୍ରାଇଭିଂ ଟେଷ୍ଟ ଚାଲିଛି। ଅଧିକାରୀ ଗାଡି ଭିତରେ ବସିଥିବା ବେଳେ କର୍ମଚାରୀ ମାନେ ଲୋକଙ୍କୁ ଡାକି ଦୁଇ ଚକିଆ ଓ ଚାରି ଚକିଆ ଡିଏଲ ଟେଷ୍ଟ କରୁଛନ୍ତି। ଟ୍ରାକଟି ସମ୍ପୂର୍ଣ୍ଣ ଭାବେ ନିର୍ମାଣ ସରିଛି। କିନ୍ତୁ ଏଥିରେ ଲାଗିନି ସେନସର ଓ କ୍ୟାମେରା ଏବଂ କମ୍ପ୍ୟୁଟର। ସେହି ପୁରୁଣା ପଦ୍ଧତିରେ ଦୁଇ ଓ ଚାରି ଚକିଆ ଲାଇସେନ୍ସ ଦିଆଯାଉଛି ଯାହାକୁ ନେଇ ଅସନ୍ତୋଷ

## ମାନୁଆଲରେ ଚାଲିଛି ଡିଏଲ ଓ ଫିଟନେସ୍

ପ୍ରକାଶ କରିଛନ୍ତି ଆବେଦନକାରୀ। ଟ୍ରାକ ଭିତରେ କମ୍ପ୍ୟୁଟରକୃତ ଫିଟନେସ ଦେବା ଯନ୍ତ୍ର ରହିଛି । ଅଳ୍ପ କିଛି କାମ ପାଇଁ ଅଟକିଛି ଅଟୋମେଟିକ ସିଷ୍ଟମ। ତେବେ ଏପରି ବ୍ୟବସ୍ଥାକୁ ପ୍ରଶ୍ନ କରୁଛନ୍ତି ବୁଦ୍ଧିଜୀବୀ। ସ୍କିଲ ଟେଷ୍ଟ ତ ହୋଇପାରିବ ନାହିଁ, ପାତରଅନ୍ତର ଏବଂ ମଧ୍ୟସ୍ଥିଙ୍କ ହସ୍ତକ୍ଷେପ ରହିବା ଦ୍ୱାରା ସ୍ୱଚ୍ଛତାରେ ମଳୀନତା ଆସିବ ବୋଲି ପ୍ରଶ୍ନ କରୁଛନ୍ତି। ଜାତୀୟ ରାଜପଥ ୨୬ ର ପାକନଡୋଲା ଗାଁ ନିକଟରେ ତିଆରି ଚାଲିଛି ଅଟୋମେଟେଡ ଡ୍ରାଇଭିଂ ଟେଷ୍ଟଷ୍ଟେସନ। ୨୦୧୭ ମସିହାରୁ ଜମିଅଧିଗ୍ରହଣରେ ପ୍ରଥମେ ବିଳମ୍ବ ପରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ପ୍ରଥମ ପର୍ଯ୍ୟାୟ ଅନୁଦାନ ଓ କାର୍ଯ୍ୟାଦେଶ ପୁଣି ପୁଲିସ ହାଉସିଂବୋର୍ଡକୁ ପରିବର୍ଦ୍ଧିତ ଅନୁଦାନ ସହ କାର୍ଯ୍ୟାଦେଶରେ ନିର୍ମାଣ କାମ ଚାଲିଛି। କୋଠାଟି ସଂପୂର୍ଣ୍ଣ ହୋଇଯାଇଥିବା ବେଳେ ଏବେ ବି ଟ୍ରାକର ଯେଉଁ ସୋପାନ ରହିଛି, ଯାହାକି ଟେଷ୍ଟିଂ ବେଳେ ଆନାଲିସିସି କରାଯାଇ ଭିଜୁଆଲ ଦେଖି ଯଥା ଜେବ୍ରାକ୍ରସିଂ, ଏସଟ୍ରାକ, ପାରାଲାଲ ପାର୍କିଂ, ଗ୍ରାଡିଏଣ୍ଟ, ଏଇଟି ଟ୍ରାକ ଗୁଡିକ ନିର୍ମାଣ ସରିଥିଲେ ବି ଲାଗିପାରିନି ସେନସର ସହ କ୍ୟାମେରା। ଏ ସମ୍ପର୍କରେ କୋରାପୁଟ ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ ମାରାଣ୍ଡିଙ୍କ ମତାମତ ନେବାରୁ ସେ କହିଛନ୍ତି ପ୍ରଥମେ ଲ୍ୟାଣ୍ଡ ପ୍ରୋବ୍ଲେମ ଥିଲା । ପରେ ବର୍ଷା ଏବଂ କିଛି ଆନୁସଙ୍ଗିକ ଅସୁବିଧା ରହିଥିଲା। ସେସବୁ ସମାଧାନ ହୋଇ ପ୍ରାୟ କାମ ସରିଗଲାଣି । କ୍ୟାମେରା ଓ ସିଷ୍ଟମ ଖୁବ ଶୀଘ୍ର ଲଗାଯାଇ ୧ ମାସ ଭିତରେ ସ୍ୱୟଂକ୍ରିୟ ଯାନଚାଳନା ପରୀକ୍ଷଣ କେନ୍ଦ୍ରକୁ ଆରମ୍ଭ କରାଯିବ ।

# ବାଲ୍ୟ ବିବାହ ରୋକିବାକୁ ସାଇକଲ୍ ଶୋଭାଯାତ୍ରା

ଚନ୍ଦାହାଣ୍ଡି,୨୯।୧(ସମିସ): ଚନ୍ଦାହାଣ୍ଡି ତାଲୁକ ଲିଗାଲ ଏଡ୍ କମିଟି ଆନୁକୂଲ୍ୟରେ ବାଲ୍ୟ ବିବାହ ରୋକିବା ନିମନ୍ତେ ପାନାବେଡ଼ା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତାଲୁକ ଲିଗାଲ ଏଡ୍ କମିଟିର ଅଧ୍ୟକ୍ଷ ତଥା ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ଜରିନ ଖାନ ଯୋଗଦେଇ ବାଲ୍ୟ ବିବାହ ଏକ ଆଇନଗତ ଅପରାଧ।୨୧ବର୍ଷରୁ କମ ବର୍ଷର ପୁଅ ଓ ୧୮ ବର୍ଷରୁ କମ ବୟସର ଝିଅଙ୍କ ବିବାହ ଆଇନଗତ ଅପରାଧ। ବାଲ୍ୟ ବିବାହ ପାଇଁ ଦୋଷୀ ପିତାମାତା ଏବଂ ଅନ୍ୟାନ୍ୟ ସମ୍ପର୍କୀୟଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ବାଲ୍ୟବିବାହ ପରିଚାଳନା କରୁଥିବା ପୂଜାରୀ, ପାଷ୍ଟର, ମୌଲାନାଙ୍କୁ ମଧ୍ୟ ଦଣ୍ଡ ଦିଆଯାଇପାରେ। ବାଲ୍ୟବିବାହରେ ସମ୍ପୃକ୍ତ ଯେକୌଣସି ବ୍ୟକ୍ତିଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ୧ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ବାରିକ, ରୋଷେୟା, ବଜାବାଲା, ତମ୍ବୁ ମାଲିକ କିମ୍ବା ବାଲ୍ୟବିବାହ ପାଇଁ ସେବା ଯୋଗାଉଥିବା ଅନ୍ୟାନ୍ୟ ଯେକୌଣସି ବ୍ୟକ୍ତିଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ ଓକିଲ ମହମ୍ମଦ ହୁସେନ, କ୍ଷେମରାଜ ବାଘ, ସରୋଜ ଅଗସ୍ତି, ଜୟଦେବ ଖମାରୀ, ହୁମେଶ୍ୱର ହଂସ, ଶ୍ୟାମସୁନ୍ଦର ସୁନାନୀ ଓ ସୀମାଞ୍ଚଳ ଗଣ୍ଡା ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

■ ଜିଲ୍ଲା କଂଗ୍ରେସ କମିଟି ନୂଆ କାର୍ଯ୍ୟକର୍ତ୍ତାଙ୍କ ତାଲିକା ପ୍ରକାଶ

# କମିଟିରେ ୧୦୩ ଜଣଙ୍କ ନାମ ଘୋଷଣା

ରାୟଗଡ଼ା,୨୯।୧(ସମିସ): ରାୟଗଡ଼ା ଜିଲ୍ଲା କଂଗ୍ରେସ ସଭାପତି କମିଟି ସଭାପତି ତଥା ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କ ସୁପାରିଶ କ୍ରମେ ପିସିସିର ଅନୁମୋଦନ କ୍ରମେ ଗଠନ ହୋଇଛି ନୂତନ ଜିଲ୍ଲା କଂଗ୍ରେସ କମିଟି। ପ୍ରଥମ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ କଂଗ୍ରେସ ଦଳ ପକ୍ଷରୁ ଆପଲସ୍ୱାମୀ କାଡ୍ରାକାଙ୍କୁ ଜିଲ୍ଲା ସଭାପତିର ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଆପଲସ୍ୱାମୀ କମିଟିରେ ୧୦୩ ଜଣଙ୍କୁ ସାମିଲ କରିଛନ୍ତି। ଏହି ଜିଲ୍ଲା କଂଗ୍ରେସ କମିଟିରେ ବରିଷ୍ଠ କଂଗ୍ରେସ ନେତା ତଥା ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କୁ ଉପଦେଷ୍ଟା ରଖାଯାଇଥିବା ବେଳେ ୭ ଜଣଙ୍କୁ ଉପସଭାପତି ଭାବେ ଚୟନ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ଶଙ୍କର୍ଷଣ ମଙ୍ଗରାଜ, ସୁନୀଲ ଚନ୍ଦ୍ର ପଣ୍ଡା, ଜଗନ୍ନାଥ ପଣ୍ଡା, ତରଣୀସେନ ଶତପଥୀ, ରାମକୃଷ୍ଣ ପାଣିଗ୍ରାହୀ, ଦାଶରଥି ନାୟକ ଓ ପଦ୍ମାବତୀ ମାଣ୍ଡାଙ୍ଗି ପ୍ରମୁଖ ଉପସଭାପତି ଭାବେ ଚୟନ ହୋଇଛନ୍ତି। ଏତଦବ୍ୟତିତ ପାର୍ଥ ବର୍ଦ୍ଧନ ଓ ଆର.ହରିଶ ପଟନାୟକଙ୍କ ସମେତ ମୋଟ ୧୭ଜଣ ସାଧାରଣ ସମ୍ପାଦକ ରହିଛନ୍ତି। ସେହିଭଳି ୪୫ଜଣ ଜିଲା ସମ୍ପାଦକ ରହିଛନ୍ତି। ଏହା ବ୍ୟତିତ ୧୧ଗୋଟି ବ୍ଲକ ସଭାପତିଙ୍କ ସହ ସ୍ୱତନ୍ତ୍ର ଆମନ୍ତ୍ରିତ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ, ଏମପି ସପ୍ତଗିରି ଶଙ୍କର ଉଲାକା, ଦୁଇ ବିଧାୟକ ନୀଳମାଧବ ହିକକା ଓ ସତ୍ୟଜିତ ଗମାଙ୍ଗଙ୍କ ସମେତ ୩୩ଜଣ ବରିଷ୍ଠ ଓ ଆଗଧାଡିର ନେତା ରହିଛନ୍ତି।

# ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସଚେତନତା

ମାଲକାନଗିରି,୨୯ ।୧(ସମିସ): ମାଲକାନଗିରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଜିଲ୍ଲା ଅଧିକାରୀ ନିର୍ମଳ ଧାରୁଆଙ୍କ ତତ୍ତ୍ୱାବଧାନରେ ମାତା ପିତା ତଥା ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ୍, ୨୦୦୭ ରେ ଥିବା ପ୍ରାବଧାନ ସମ୍ପର୍କରେ ସଚେତନତା ତାଲମ ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମ ରଞ୍ଜନ ଦାଶ, ରାଜ୍ୟ ସାଧନ କର୍ମୀ ଭାରତୀ ଚକ୍ର, ଉପଖଣ୍ଡୀୟ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଯୋଗଦେଇ ଜଗନ୍ନାଥଙ୍କ ବିଗ୍ରହରେ ଧୂପ, ଦୀପ, ପୁଷ୍ପମାଲ୍ୟ ପ୍ରଦାନ କରି ମଞ୍ଚାସୀନ ହେଲେ। ତାଲିମରେ ସାଧନ କର୍ମୀ ତଥା ସମାଜସେବୀ ଶ୍ରୀମତୀ ଚକ୍ର ଉପସ୍ଥିତ ବରିଷ୍ଠ ନାଗରୀକ, ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀଙ୍କୁ ସାମ୍ପ୍ରତିକ ସମୟରେ ସମାଜରେ ପିତା, ମାତା ତଥା ବରିଷ୍ଠ ନାଗରୀକ, ଯେଉଁମାନେ ଆତ୍ମୀୟସ୍ୱଜନ ମାନଙ୍କ ଠାରୁ ବିଭିନ୍ନ ପ୍ରକାର ଅବହେଳା,ଅତ୍ୟାଚାର, ଶାରିରୀକ, ମାନସିକ, ଆର୍ଥିକ ନିର୍ଯ୍ୟାତନା ପାଉଛନ୍ତି ସେମାନେ ଭରଣପୋଷଣ କଲ୍ୟାଣ ଆଇନର ଆଶ୍ରୟ ସହଜ ଓ ସରଳ ଉପାୟରେ ନ୍ୟାୟ ପାଇବେ ତାହା ପ୍ରାଞ୍ଜଳ ଭାବେ ବୁଝାଇ ଥିଲେ। ଏଥିପାଇଁ ଉପଜିଲ୍ଲାପାଳ ଙ୍କ ଠାରେ ସାଧା କାଗଜରେ ଦରଖାସ୍ତ କିମ୍ବା ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ର ସଭାପତି ବାଲାରାଜୁ ପାଢ଼ି, ଉପସଭାପତି ସୁରେନ୍ଦ୍ର କୁମାର ମଲ୍ଲିକ, ସଂପାଦକ ଅଶୋକ କୁମାର ସାମଲ, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଶିବ ପ୍ରସାଦ ପାତ୍ର, ବାଳକୃଷ୍ଣ ପାଢ଼ୀ, ଲଡ୍ଡୁ କିଶୋର ପଣ୍ଡା, ଏସ୍ ଏରା ସ୍ୱାମୀ, ଗଣେଶ ଜେନା, ଜଗନ୍ନାଥ ତିଆଡ଼ି ପ୍ରମୁଖ ୧୦୦ ଜଣ ବରିଷ୍ଠ ନାଗରୀକ ବୁଦ୍ଧି ଜୀବି ଓ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ। ସେମାନଙ୍କୁ ପ୍ରାକ୍ ଓ ପରବର୍ତ୍ତୀ ପରୀକ୍ଷା ମଧ୍ୟ କରାଯାଇଥିଲା। ଶେଷରେ ସଂଯୋଜକ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳ ଆଇନ ମହାବିଦ୍ୟାଳୟର କର୍ମଶାଳା

ରାୟଗଡା, ୨୯।୧(ସମିସ): ଉତ୍କଳ ଆଇନ ମହାବିଦ୍ୟାଳୟ ରାୟଗଡା ତରଫରୁ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଜିଲ୍ଲା ଆଇନ ସେବା ପ୍ରାଧୀକରଣ ଆନୁକୁଲ୍ୟରେ ଆୟୋଜିତ ଏହି କର୍ମଶାଳାର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ. ଦୁଷ୍ମନ୍ତ କୁମାର ମହାନ୍ତି, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ. ରାଜେଶ ପାଢି , ଜିଆଇଏସିଆର ଅନୁଷ୍ଠାନର ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ରଥ, ରାଜ୍ୟପାଳ ପୁରସ୍କୃତ ଓ ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ ଅତିଥିରୂପେ ଯୋଗ ଦେଇ ମଞ୍ଚାସୀନ ଥିଲେ। ଅଧକ୍ଷ ଡ. ଅଶୋକ କୁମାର ମିଶ୍ର ଏହାର ଆୟୋଜନ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କ୍ରିମିନାଲ୍ ଆଇନ ଏବଂ ଟେକ୍ନୋଲୋଜୀ ସନ୍ଦର୍ଭରେ ଆୟୋଜିତ ଏହି କର୍ମଶାଳାରେ ଆଇନ ଛାତ୍ର ଛାତ୍ରୀ ସାଇବର ଅପରାଧ, ଆହାର ଡିଜିଟାଲ ସାକ୍ଷ୍ୟର ପ୍ରକାର ଓ ତାହାର ଆଇନଗତ ଦିଗ ପ୍ରତି ଆଲୋକପାତ କରି ପ୍ରକଳ୍ପ ଗୁଡିକର ଉପାସ୍ଥାପନ କରିଥିଲେ । ସେହିପରି ଅପରାହ୍ନରେ ବିଚାରକ ତଥା ଜିଲ୍ଲା ଆଇନ ସେବା ପ୍ରାଧୀକରଣର ସମ୍ପାଦକ ସୁବ୍ରତ କୁମାର ଆଚାର୍ଯ୍ୟ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଏନ୍ ସି ପଟ୍ଟନାୟକ, ସରକାରୀ ପ୍ଲିଡ଼ର ପଦ୍ମନାଭ ଦାଶ, ବ୍ରଜସୁନ୍ଦର ନାୟକ, ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧୀକରଣ ରାୟଗଡ ତରଫରୁ କାର୍ଯ୍ୟ କ୍ଷେତ୍ରରେ ଯୌନ ଉତ୍ପୀଡ଼ନ ପ୍ରତିରୋଧ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଶେଷରେ ଆଇନ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା



ମୁନିଗୁଡା,୨୯।୧(ସମିସ): ସଡ଼କ ସୁରକ୍ଷା ମାସ ସଚେତନତା ନିମନ୍ତେ ମୁନିଗୁଡା ଠାରେ ଅନୁଷ୍ଠିତ ହୋଇଯାଇଛି ସଚେତନତା ପଦଯାତ୍ରା। ସ୍ଥାନୀୟ ମୁନିଗୁଡା ମହାବିଦ୍ୟାଳୟ ଠାରୁ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କାରି ମୁନିଗୁଡା ବସ ଷ୍ଟାଣ୍ଡ ଠାରେ ଶେଷ ହୋଇଛି। ଏଥିରେ ଟ୍ରାଫିକ ଇନିସ୍ପେକ୍ଟର ଜେ ଭାରାସଗରିଆ , ମୁନିଗୁଡା ଥାନା ଅଧିକାରୀ କେଶବ ଷଡଙ୍ଗୀ, କନିଷ୍ଠ ଏମଭିଆଇ ଏସ କେ ବେହେରା, ମୁନିଗୁଡା ଡିଗ୍ରୀ କଲେଜ ଅଧକ୍ଷ ହୃଷିକେଶ ଜାଲି, ହୁକୁମତୋଳା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ କୃଷ୍ଣଚନ୍ଦ୍ର ମଲିକ, ଡମ୍ବୁରୁଧର କୁଶୁଲିଆ,ପୋଲିସ କନଷ୍ଟେବଳ ମୁନିଗୁଡା ମହାବିଦ୍ୟାଳୟ ଓ ହୁକୁମତୋଳା ସ୍ଥିତ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପାହାଡ଼ ଖୋଳା

# ନଷ୍ଟ ହେବ ୫ ହଜାର ଚାରା !

ରାୟଗଡ଼ା, ୨୯।୧(ସମିସ): ଆସନ୍ତା ଫେବୃଆରୀ ୨ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କର ରାୟଗଡ଼ା ଗସ୍ତ କାର୍ଯ୍ୟକ୍ରମ ରହିଛି। ଜେଏସକୋ ପଡିଆରେ ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ଦେବ ମହାଯଜ୍ଞ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତେବେ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେବା ବିଷୟରେ କହୁଥିବା ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀଙ୍କ ଦିନକିଆ ଅଧଘଂଟିଆ କାର୍ଯ୍ୟକ୍ରମ ନିମନ୍ତେ କିଭଳି ଏକ ଅସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ୫ହଜାର ଚାରା ରୋପଣ ହୋଇଥିବା ପାହାଡକୁ ଖୋଳି ପ୍ରଶାସନ ମୋରମ ମାଟି ନେଇ ଯାଉଛନ୍ତି ସେ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ଏବଂ ପରିବେଶବିତମାନେ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ରାୟଗଡ଼ା ଜିଲ୍ଲା ସଦର ବ୍ଲକ ହାଲୁଆ ଗ୍ରାମ ପଂଚାୟତର ବାରିଖୋଲା ଗ୍ରାମ ସ୍ଥିତ ପଦ୍ମାବତୀ ହରିକୁପା ପାହାଡକୁ ପୂର୍ବ ପୁରୁଷରୁ ବାରିଖୋଲା, ଶିରିଗୁଡା ଓ ଆମ୍ବଗୁଡା ଗ୍ରାମବାସୀମାନେ ପୂଜା କରି ଆସୁଛନ୍ତି। ଉକ୍ତ ପାହାଡକୁ ନେଇ ଅନେକ କିମ୍ବଦନ୍ତୀ ରହିଥିବା ଗ୍ରାମବାସୀ କହିଛନ୍ତି। ଅନେକଙ୍କ ମଧ୍ୟରେ ଗ୍ରାମରେ ପଡୁଥିବା ସମସ୍ୟାର ସମାଧାନ ପାଇଁ ସେମାନେ ଏହି ପାହାଡରେ ପୂଜା କରିଥାନ୍ତି। ପଦ୍ମାବତୀ ହରିକୁପା ପାହାଡ ସହ ଗ୍ରାମବାସୀଙ୍କ ପାରମ୍ପରିକ,ଆଧ୍ୟାମିକ ଅତୁଟ ବିଶ୍ୱାସ ଜଡି ରହିଥିବା ବେଳେ ନିକଟରେ ଏହି ପାହାଡ ଉପରେ ଗ୍ରାମବାସୀଙ୍କ ସମର୍ଥନରେ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଯାହାକୁ ନେଇ ସହରବାସୀ ମଧ୍ୟ ଉକ୍ତ ପାହାଡ ଉପରକୁ ମନ୍ଦିର ଦର୍ଶନ ପାଇଁ ଯାତାୟାତ କରି ଆସୁଛନ୍ତି। ଗତ ୨୦୨୫ ଜୁଲାଇ ମାସରେ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ,ଓଡିଶା ରାୟଗଡା ବନାଂଚଳ ପକ୍ଷରୁ ମାଁଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ପୂର୍ବତନ ଜିଲ୍ଲାପାଳ,ଜିଲ୍ଲା ଏସପି ସ୍ୱାତୀ ଏସ.କୁମାର,ଡିଏଫଓ ସଚିନ ଆନ୍ନାସାହେବ ଓହୋଲେ ଓ ଅନ୍ୟାନ୍ୟ ଅଧିକାରୀ,ନିର୍ବାଚିତ ଜନ ପ୍ରତିନିଧି,ଗ୍ରାମବାସୀ,ଜନସାଧାରଣଙ୍କ



ଉପସ୍ଥିତିରେ ଉକ୍ତ ପାହାଡରେ ୫ହଜାର ଚାରା ରୋପଣ କରାଯାଇଛି। ଯାହାର ରକ୍ଷାଣବେକ୍ଷଣ ଦାୟିତ୍ୱ ରାୟଗ?ା ବନାଂଚଳ କାର୍ଯ୍ୟାଳୟ ପକ୍ଷରୁ କରାଯାଉଛି ଏବଂ ଗ୍ରାମବାସୀମାନେ ମଧ୍ୟ ଚାରା ଗୁଡିକର ଯତ୍ନ ନେଇ ଆସୁଛନ୍ତି। ତେବେ ଆଜି ଉକ୍ତ ପାହାଡର ତଳ ଭାଗରୁ ଜେସିବି ମେସିନ ସାହାର୍ଯ୍ୟରେ ସେଠାରୁ ମୋରମ ମାଟି ଖୋଳାଯାଇ ଜେଏସକୋ ପଡିଆ ମଧ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଅସ୍ଥାୟୀ ରାସ୍ତା ନିମନ୍ତେ ପକାଯାଉଛି। ଫଳରେ ପାହାଡ ତଳ ଭାଗ ଦୁର୍ବଳ ହେଲେ ଆଗାମୀ ଦିନରେ ମାଟି ଅତଡା ଖସିବାର ବହୁ ସମ୍ଭାବନା ରହିଥିବା ଯୋଗୁଁ ଲଗାଯାଇଥିବା ଚାରାଗୁଡିକ

## ଗ୍ରାମବାସୀ ଓ ପରିବେଶବିତ୍ ଅସନ୍ତୁଷ୍ଟ

ତଳକୁ ଗଳି ପଡିବାର ଆଶଙ୍କା କରାଯାଇଛି। ଆଜି ମୋରମ ମାଟି ଖୋଳାଯାଉଥିବା ବେଳେ ବାରିଖୋଲା ଗ୍ରାମର ଭଦ୍ୟବ୍ୟକ୍ତି ମଧୁ କାଡ୍ରକା,ନାଗେଶରାଓ ବିଡିକା,ସାଲୁ ବିଡିକା,ସନ୍ତୋଷ କୁମାର ପଣ୍ଡା,ନାଏବ ସରପଂଚ ଫୁଲ ବିଡିକା,ଦାମ ମହାନନ୍ଦିଆ ଓ ଅନ୍ୟମାନେ ବିରୋଧ କରିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ଯାହାକୁ ନେଇ ମୋରମ ଖୋଲୁଥିବା ଜେସିବି ମେସିନ ଚାଳକ ତହସିଲଦାରଙ୍କ ନିର୍ଦ୍ଦେଶରେ ଏହା ଖୋଳାଯାଉଥିବା କହିଥିଲେ। ଏ ନେଇ ତହସିଲଦାର ପ୍ରିୟଦର୍ଶନୀ ସ୍ୱାଇଁଙ୍କ ପ୍ରତିକ୍ରିୟା ନେବାରୁ ଉକ୍ତ ପାହାଡଟି ପାହାଡ କିସମ ହୋଇଥିବାରୁ ସେଠାରେ ଖୋଳିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରକାଶ କରିବା ସହ ଆଗାମୀ ଦିନରେ ଉକ୍ତ ସ୍ଥାନରେ ନୂତନ ବସଷ୍ଟାଣ୍ଡର ପ୍ରସ୍ତାବ ରହିଛି ଏବଂ ପାହାଡ ଉପରେ ବେଆଇନ ନିର୍ମାଣ କାର୍ଯ୍ୟ ହୋଇଥିବା କହିଛନ୍ତି। ଅପରପକ୍ଷେ ରାୟଗଡ଼ା ବନାଞ୍ଚଳ ଅଧିକାରୀ କାମେଶ୍ୱର ଆଚାରୀଙ୍କୁ ପଚାରିବାରୁ ଉକ୍ତ ପାହାଡଟି ଆବାଦ,ଅନାବାଦ ଯୋଗ୍ୟ ପାହାଡ କିସମ ହୋଇଥିବା ବେଳେ ସେଠାରେ ୫ ହଜାରଟି ଚାରା ରୋପଣ ହୋଇଥିବାରୁ ପାହାଡରୁ ମାଟି ଖୋଳିବା ପାଇଁ ବନ ବିଭାଗର ଅନୁମତି ନେବା ଦରକାର ଥିଲା ବୋଲି କହିବା ସହ ଏ ନେଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି।

# ବଡ଼ପଦରରେ ବିଭିନ୍ନ ପ୍ରତିଯୋଗିତା; କାର୍ଯ୍ୟକ୍ରମ ଉଦ୍‌ଯାପିତ

ଚିତ୍ରକୋଣ୍ଡା, ୨୯ ।୧(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବଡ଼ପଦରରେ ପଞ୍ଚାୟତସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ହୋଇଯାଇଥିବା ବେଳେ ଏହି ଅବସରରେ ବିଭିନ୍ନ କ୍ରୀଡ଼ା ଓ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଆଜି ଏହା ଉଦଯାପିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମର ସଭାପତିତ୍ୱ ବଡ଼ପଦର ପଞ୍ଚାୟତ ସରପଞ୍ଚ ସ୍ୱପ୍ନା ଖିଲ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ରାଜେଶ୍ୱରୀ ଖିଲ, ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ, ମୁଖ୍ୟବକ୍ତା ଭାବରେ ଆର୍‌ଏସ.ସି. ୧୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳାଦ୍ରି କୁମାର ରାଉତ ସାମନ୍ତ, ସମ୍ମାନିତ ଅତିଥି ଭାବରେ ଏ. ଏମ୍./ଏନ. ଏ.ଏସ. ପ୍ଲାଣ୍ଟ ଇନଚାର୍ଜ ପ୍ରବିନ ପି, ବ୍ଲକ ଅଧକ୍ଷ ରାଜେଶ୍ୱରୀ ଖିଲ, ସବିତା ତ୍ରିପାଠୀ, ନାୟବ ସରପଞ୍ଚ ଭକ୍ତରାମ ସୀସା, ଜଗୁ ଡୁରୁ, ପଞ୍ଚାୟତର ବରିଷ୍ଠ ନାଗରିକ ବାସୁଦେବ ଖରା, ସଦନ ଖରା, ଲକ୍ଷ୍ମଣ ଖେମୁଡୁ, ଯୁବ ପରିବାର ସଭାପତି ସନିୟା ଖେମୁଡୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ପାଇଁ ଉତ୍ତମ ସେବା ଯୋଗାଉଥିବା କର୍ମଚାରୀ ପୂର୍ଣ୍ଣିମା ଖରାଙ୍କୁ ଉତ୍ତମ ଆଶା ଓ ପଦ୍ମା କିର୍ଶକ୍ଷନୀଙ୍କୁ ଉତ୍ତମ ଶିକ୍ଷୟିତ୍ରୀ, ରଚନା ପୁରୋହିତ ଉତ୍ତମ କର୍ମଚାରୀ ଏବଂ ଯୁବ ସଚେତକ ଭାବରେ ଗଙ୍ଗାଧର ଖରା, ଉତ୍ତମ ଅଙ୍ଗନାୱାଡି ପୂର୍ଣ୍ଣିମା ମୁଦୁଲି, ଉତ୍ତମ ୱାର୍ଡମେମ୍ବର ନକୁଳ ହନ୍ତାଳଙ୍କୁ ସମ୍ମାନିତ କରାଯାଇଥିଲା ଓ ବଡ଼ପଦର ପଞ୍ଚାୟତର ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଆର୍. ଏସ.ସି.୧୨ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସବିତା ତ୍ରିପାଠୀଙ୍କୁ ମଧ୍ୟ ସମ୍ମାନିତ କରଯାଇଥିଲା। ବଡ଼ପଦର ପଞ୍ଚାୟତର ସମସ୍ତ ବିଦ୍ୟାଳୟର ଛାତ୍ର/ଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଯଥା ଦୌଡ଼, ପୁଚି, ସାଧାରଣ ଜ୍ଞାନ, ବକ୍ତୃତା, ମ୍ୟୁଜିକ ଚେୟାର ଆଦି ହୋଇଥିବା ବେଳେ ଏଥିରେ ବିଜେତାଙ୍କୁ ଉପସ୍ଥିତ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯଇଥିଲା। ଗାଁ ପିଲାଙ୍କୁ ନେଇ ଭଲିବଲ ପ୍ରତିଯୋଗିତା କରାଯାଇଥିଲା। ବିଜେତା ପେଙ୍ଗପୁଟ ଦଳ ଏବଂ ରନର ବରଡ଼ାବନ୍ଧ ଦଳ ହୋଇଥିଲା । ସେମାନଙ୍କୁ କପ ସହିତ କିଛି ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଭଳି ନିହାରା କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଗଙ୍ଗାଧର ଖରା ।

# ଭିଣୋଇର ଠେଙ୍ଗା ମାଡ଼ରେ ଶଳାର ମୃତ୍ୟୁ

ଗୁଣୁପୁର,୨୯।୧(ସମିସ): ପାରିବାରିକ କଳହର କରୁଣ ପରିଣତି। ଏହାକୁ ନେଇ ରାୟଗଡା ଜିଲ୍ଲା ଗୁଣପୁର ମେଡିକାଲ କଲୋନୀରେ ଘଟିଛି ଏକି ହତ୍ୟାକାଣ୍ଡ। ସାମନ୍ୟ ପାଟିତୁଣ୍ଡ ହେବା ପରେ ଭିଣୋଇ ଶଳାକୁ ଏକ କାଠ ଠେଙ୍ଗାରେ ପିଟି ହତ୍ୟା କରିଛି। ଫଳରେ ଘଟଣା ସ୍ଥଳରେ ହିଁ ଶଳା ଗୁରୁତର ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଗୁଣପୁର ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ଚୌଧୁରି ରମେଶ (୪୦ ) ବୋଲି ଜଣାପଡିଛି। ଗୁଣୁପୁର ପୁଲିସ ପାଖରେ ହତ୍ୟାକାରୀ ଭିଣୋଇ ନାଗ୍ଗାପିଲି ମୁରଲି (୫୦) ଆତ୍ମସମର୍ପଣ କରିଥିବା ଜଣାପଡିଛି। ଘଟଣା ସ୍ଥଳରେ ଗୁଣପୁର ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ ମୃତକଙ୍କ ଭଉଣୀ ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଥିବା ଲକ୍ଷ୍ମୀ ଚୌଧୁରି ଘରକୁ ଆସିଥିଲେ। ସେଠାରେ ପାରିବାରିକ କଳହ ପରେ ଏଭଳି ହତ୍ୟାକାଣ୍ଡ ହୋଇଥିବା ଜଣାପଡିଛି।

# ଗୋପବନ୍ଧୁ ଆଞ୍ଚଳିକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

କାଲିମେଲା,୨୯।୧(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ କାଲିମେଲା ଗୋପବନ୍ଧୁ ଆଞ୍ଚଳିକ ମହାବିଦ୍ୟାଳୟର ୩୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ହିମାଂଶୁ ଶେଖର ବୈଦ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କାଲିମେଲା ବ୍ଲକ ଅଧକ୍ଷା ସୁବାସିନୀ ସୋଡି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ଜୀବନ ଯାପନ ଓ ନୂତନ ଶିକ୍ଷାନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ କାଲିମେଲା ପୂର୍ବତନ ବ୍ଲକ୍ ଅଧକ୍ଷ ମାଲା ମାଡ଼ି ଯୋଗଦେଇଥିବା ବେଳେ ବିଧାୟକ ପ୍ରତିନିଧି ହରବିଳାସ ମଣ୍ଡଳ, ସମାଜସେବୀ ଉତ୍ତମ ଓଝା ଓ ପୂର୍ବତନ ସମ୍ପାଦକ ବି ଭାସ୍କର ରାଓ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ ପ୍ରକାଶ ଚନ୍ଦ୍ର ମିଶ୍ର। ପୂର୍ବରୁ ମହାବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭା ଶେଷରେ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଯୋଗଦେଇଥିଲେ।

# ତ୍ରିନାଥ ମନ୍ଦିରରେ ଅଷ୍ଟ ପ୍ରହରୀ ନାମଯଜ୍ଞ

ଗୁଣୁପୁର, ୨୯।୧(ସମିସ): ପବିତ୍ର ମାଘ ମାସ ଭୀଷ୍ମ ଏକାଦଶୀ ଉପଲକ୍ଷେ ଗୁଣୁପୁର କୋର୍ଟ ସମ୍ମୁଖ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନାଉଡା, ପଗଡବିଲି, ଗାଦିଆଖଲା ସହ ପାଖ ଗ୍ରାମାଞ୍ଚଳର ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳି ଯୋଗଦାନ କରି ସଂକୀର୍ତ୍ତନ କରିଥିଲେ। ମନ୍ଦିର କମିଟି ସଭାପତୀ ରାଧାନାଥ ପାଢୀ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ସୁବାସ ଚନ୍ଦ୍ର ରଥ, ତ୍ରିନାଥ ଦ୍ୱରା , ବାବୁଲି ପଣ୍ଡା ସଂକୀର୍ତ୍ତନ ପରିଚାଳନା କରିଥିଲେ। ଗୁପ୍ତେଶ୍ୱର ମହାପାତ୍ର ଅଷ୍ଟପ୍ରହରୀ ନାମଯଜ୍ଞର ପୂଜାର୍ଚ୍ଚନା ସମ୍ପାଦନା କରିଥିବା ବେଳେ ମନ୍ଦିର ପୂଜକ ମନୋହର ମହାପାତ୍ର ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରମାଂଶୁ ରଥ, କମଳକାନ୍ତ ଖୁଣ୍ଟିଆ ପୂଜାମଣ୍ଡପର ସାଜସଜା କରିଥିଲେ। ଏଥିସହ ମନ୍ଦିର କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଡୁକୁମ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବିଷମ କଟକ, ୨୯।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍ ଅନ୍ତର୍ଗତ ଡୁକୁମ ସଦର ପଞ୍ଚାୟତର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ଡୁକୁମ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେମ ଗମାଙ୍ଗ ସଭାପତିତ୍ୱ କରୁଥିବା ବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ତ୍ରିପତି ହିକକା ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରି ଶିବ ପ୍ରସାଦ ପଟ୍ଟନାୟକ, ସ୍ୱତନ୍ତ୍ର ଅତିଥି ଭାବେ ବିଷମ କଟକ ତହସିଲଦାର କେ.ଭେଙ୍କେଟେଶ୍ୱର ରେଡି, ସମ୍ମାନିତ ଅତିଥି ଭାବେ ବିଷମ କଟକ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭପ୍ରଦା ସାସମାଲ, ଡୁକୁମ ସରପଞ୍ଚ ଜୟନ୍ତୀ ସାରକା, ସମିତି ସଭ୍ୟ ହାରାବତୀ ଜାଗାରାଙ୍ଗା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସେମନ୍ତି ଉର୍ଲାକା, ଗତିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରଘୁମଣୀ ଶବର, ଆର୍ଶାକାନି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଆଛାର୍ଯ୍ୟା, ଝିଗିଡି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟି. ଶ୍ରୀନିବାସ ରାଓ, କପାପଦର ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷତ୍ରୀ ବିଷ୍ଣୁପ୍ରିୟା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ବିଦ୍ୟାର୍ଥୀମାନଙ୍କୁ ଅତିଥି ମାନେ ମାନପତ୍ର, ଫଳକ ଓ ପୁଷ୍ପଗୁଚ୍ଛ ଦେଇ ପୁରସ୍କୃତ କରିଥିଲେ। ମଙ୍ଗଳବାର ଦିନ ବିଷମ କଟକ ବ୍ଲକ ଅନ୍ତର୍ଗତ ଗତିଗୁଡା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଘୁମଣୀ ଶବରଙ୍କ ସଭାପତିତ୍ୱ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ବିଦ୍ୟାର୍ଥୀମାନଙ୍କୁ ଅତିଥି ମାନେ ମାନପତ୍ର,ଫଳକ ଓ ପୁଷ୍ପଗୁଚ୍ଛ ଦେଇ ପୁରସ୍କୃତ କରାଯାଇଥିଲା।

# ଗ୍ରାମପଞ୍ଚାୟତର ମଞ୍ଜୁର ନୂତନ କାର୍ଯ୍ୟାଳୟ ଭବନ ଦାବି

ଜୟପୁର, ୨୯ ।୧ (ସମିସ): ଜୟପୁର ବ୍ଲକର ଆମ୍ବାଗୁଡା ଏବଂ କୁମୁଲିପୁଟ ଗ୍ରାମପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ମାନଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀ ମାନେ ଆଜି ସଂଧ୍ୟାରେ କୋରାପୁଟ ଠାରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ତାଙ୍କ କାର୍ଯ୍ୟାଳୟ ଠାରେ ସାକ୍ଷାତ କରିବା ସହିତ ଉଭୟ ଗ୍ରାମପଞ୍ଚାୟତ ପାଇଁ ନୂତନ କାର୍ଯ୍ୟାଳୟ ଭବନ ମଞ୍ଜୁର ହୋଇଥିବା ବେଳେ ସମସ୍ତ ସରକାରୀ କାଗଜପତ୍ର ଶେଷ ହୋଇଛି। କିନ୍ତୁ କୁମୁଲିପୁଟ ଗ୍ରାମପଞ୍ଚାୟତରେ ନିର୍ମାଣ ହେବାକୁ ଥିବା କାର୍ଯ୍ୟାଳୟ ଭବନକୁ ସ୍ଥାନାନ୍ତରିତ ନେଇ ମସୁଧା ଚାଲିଥିବା ବେଳେ ଆମ୍ବାଗୁଡା ଗ୍ରାମପଞ୍ଚାୟତର ନିର୍ମାଣ ହେବାକୁ ଥିବା କାର୍ଯ୍ୟାଳୟ ଭବନକୁ ସ୍ଥଗିତ ରଖାଯାଇଥିବା ନେଇ କୌଣସି ସୂତ୍ରକୁ ଖବରପାଇ ଆମ୍ବାଗୁଡା ସରପଞ୍ଚ ଦିପତି ହିକକା, ସମିତିସଭ୍ୟ ପିଙ୍କି ହରିଜନ, କୁମୁଲିପୁଟର ସରପଞ୍ଚ ସୁଶିଳା ପେଣ୍ଟିଆଙ୍କ ସମେତ ବରିଷ୍ଠ ବିଜେଡି ନେତା ବି. ବାଲିଙ୍କି ରାଓ,.ହର ଚାଲଣ, ସୁଦୀପ ପଦ୍ଧାର, କାଳିଆ ହୋତା, ଗୋପାଳ ବେବର୍ତ୍ତା, ବି . ହରି ରାଓ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହତି ଦାବିପତ୍ର ପ୍ରଦାନ ସହିତ ଏହାର ତଦନ୍ତ କରାଯାଇ ଉଭୟ ପଞ୍ଚାୟତର ବିକାଶ ପାଇଁ କାର୍ଯ୍ୟାଳୟ ଭବନ ନିର୍ମାଣ ଆବଶ୍ୟକତା ରହିଛି। ତେଣୁ ଏହାକୁ କାର୍ଯ୍ୟକାରୀ କରିବା ନେଇ ଦାବି କରିଛନ୍ତି।



## ବଣ୍ଡା ଜନଜାତିଙ୍କ ନିଆରା ପରମ୍ପରା 'ଝାଟି ପର୍ବ'

# ଝାଟି ପ୍ରହାରରେ ବୋହିଥାଏ ରକ୍ତ, ଦୃଢ଼ହୁଏ ସମ୍ପର୍କ

ମାଲକାନଗିରି,୨୯ ।୧(ସମିସ): ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକରେ ଥିବା ବଣ୍ଡା ଘାଟିରେ କାହିଁ କେଉଁ ଆଦିମ କାଳରୁ ରହି ଆସୁଛନ୍ତି ବଣ୍ଡା ଜନଜାତି। ସମୁଦ୍ର ପତନ ଠାରୁ ପ୍ରାୟ ୫୦୦୦ ଫୁଟ ଉପରେ ବସବାସ କରୁଥିବା ଏହି ଆଦିମ ଜନଜାତିଙ୍କ ଚାଲି ଚଳଣି ଓ ପରମ୍ପରା ବେସ ସ୍ୱତନ୍ତ୍ର ଓ ନିଆରା। ମୁଦୁଲିପଡା ଓ ଅଣ୍ଡରାହାଲ ଦୁଇଟି ପଞ୍ଚାୟତକୁ ବଣ୍ଡା ଘାଟି ବୋଲି କୁହାଯାଉଥିବା ବେଳେ ଏମାନେ ଆଜିକାର ଆଧୁନିକ ଯୁଗରେ ମଧ୍ୟ ନିଜର ପରମ୍ପରା ଓ ସଂସ୍କୃତିକୁ ଭୁଲି ନାହାନ୍ତି। ତେବେ ଏହି ପରମ୍ପରା ଓ ସଂସ୍କୃତି ଅନୁଯାୟୀ ବଣ୍ଡା ଜନଜାତି ଅନେକ ପର୍ବ ପାଳନ କରୁଥିବା ବେଳେ ଏଥି ମଧ୍ୟରେ ଅନ୍ୟତମ ପର୍ବ ଅଟେ ଝାଟି ପର୍ବ। ଯାହାକି ଆଦିମ ବଣ୍ଡା ଜନଜାତି ଯୁବକଙ୍କ ବୀରତ୍ୱ ଓ ଭାଇଚାରା



ପ୍ରମାଣ ଦେଇଥାଏ। ଏହି ପରମ୍ପରା କେଉଁ ଆବାହନ କାଳରୁ ପ୍ରଚଳିତ ହୋଇ ଆସୁଛି। ଝାଟି ପର୍ବ ତଥା ଝାଟି ଯୁଦ୍ଧ ପ୍ରତିବର୍ଷ ମାଘ ମାସ ପୂର୍ଣ୍ଣମୀ ତିଥିର ପରବର୍ତ୍ତୀ ସମୟରେ ହୋଇଥାଏ। ପର୍ବ ଆୟୋଜନର ପୂର୍ବରୁ ବଣ୍ଡା ପୁରୁଷମାନେ ବାହୁ ପରାକ୍ରମ ପ୍ରଦର୍ଶନ ରିଥାନ୍ତି। ସଲପ ଗଛର ପ୍ରଶାଖାରେ ନିର୍ମିତ ଛାଟକୁ ନିଆଁ ସେକ ଓ ଗୋବର ପ୍ରଲେପ କରାଯାଇ ପୂର୍ବରୁ ଝାଟି ତଥା ଚାବୁକ ପ୍ରସ୍ତୁତ କରି ରଖାଯାଇଥାଏ। ଏହି ଛାଟକୁ ସ୍ୱଦେହରେ ଓ ସାମ୍ନାରେ ଥିବା ଅନ୍ୟ ବ୍ୟକ୍ତିଙ୍କୁ ପ୍ରହାର କରି ବଣ୍ଡା ପୁରୁଷମାନେ ବିରତ୍ୱ ପ୍ରଦର୍ଶନ ଦେଇଥାନ୍ତି। ମହୁରୀ ଓ ମାଦଳର ତାଳେ ତାଳେ ଝାଟି ଯୁଦ୍ଧ ସହ ଓ ନୃତ୍ୟ କରନ୍ତି। ବାଦ୍ୟ ଶୁଣିବା ମାତ୍ରେ ବଣ୍ଡାପଡ଼ାର ପ୍ରତ୍ୟେକ ଯୁବକ ଦର୍ପ ସହକାରେ ଛୁଟି ଆସନ୍ତି ମୁକ୍ତ ରଣାଙ୍ଗନକୁ। ଐକ୍ୟବଦ୍ଧ ନାଚ ଭିତରେ ଜଣେ ଅନ୍ୟ ଜଣକୁ ଇସାରା ଦେଇ ଲଢ଼େଇ ପାଇଁ ଆହ୍ୱାନ ଜଣାନ୍ତି। ଭୟଙ୍କର ଛାଟ ମାଡ଼ରେ ରକ୍ତାକ୍ତ ମଧ୍ୟ ହୁଅନ୍ତି। ଶରୀରରୁ ନିଗିଡ଼ି ପଡୁଥିବା ଧାର ଧାର ରକ୍ତରେ ସିକ୍ତ ହୁଏ ମୁକ୍ତ ମୈଦାନ। ହେଲେ ଏହା କୌଣସି ଯୁଦ୍ଧ ନୁହେ, ବରଂ ଏହି ଝାଟି ଯୁଦ୍ଧ ତଥା ପର୍ବ ବଣ୍ଡା ସଭ୍ୟତାର ଏକ ଅଙ୍ଗ। କୁହାଯାଏ ମନ ଭିତରେ ଥିବା କ୍ରୋଧ,ହିଂସାକୁ ଦୂର କରିବା ପାଇଁ ଏହି ପର୍ବ ଏକ ମାଧ୍ୟମ। ଖାସ ସେଇଥି ପାଇଁ ଲହୁ ଲୁହାଣ ହୋଇ ସାରିଥିଲେ ହେଁ ବଣ୍ଡା ଯୁବ ଯୁବକମାନଙ୍କ ମନରେ ତିଳେ ମାତ୍ର ରାଗ ହିଂସା, କୁଟ-କପଟତା ନଥାଏ। ଝାଟିଯୁଦ୍ଧ ପରେ ପଲ୍ଲୀର ପ୍ରତ୍ୟେକ ପରିବାର ମଧ୍ୟରେ ଭାତୃତ୍ୱର ଏବଂ ଅନାବିଳ ସ୍ନେହ ସୂତ୍ରରେ ବାନ୍ଧି ରଖେ। ସମସ୍ତେ ଏକତ୍ର ନାଚଗୀତ ଏବଂ ବିଭିନ୍ନ ବ୍ୟଞ୍ଜନର ମଜା ନିଅନ୍ତି। ତେବେ ଆଧୁନିକ ଯୁଗରେ ଅନେକ ନିଜର ପରମ୍ପରାକୁ ପାସୋରି ଯାଉଥିବା ବେଳେ କିନ୍ତୁ ଏହି ଆଦିମ ଜନଜତି ଆଜି ମଧ୍ୟ ନିଜର ଏହି ଝାଟି ଯୁଦ୍ଧ ବା ଝାଟି ପ୍ରହାର ପର୍ବକୁ ଆଦରି ରଖି ନିଜ ମଧ୍ୟରେ ଭାଇଚାରାକୁ ବଞ୍ଚାଇ ରଖିଛନ୍ତି।

# ଇମ୍ଫା ଥେରୁବାଲିରେ ସାଧାରଣତନ୍ତ୍ର ଦିବସ



ରାୟଗଡା,୨୯।୧(ସମିସ): ଇମ୍ଫା ଥେରୁବାଲିରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମଟି ୟୁନିଟ୍ ହେଡ୍ ଓ ଇଆଇସି , ଥେରୁବାଲି ଜି.ଭି ରାକେଶଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଶ୍ରୀ ରାକେଶ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ। ସମସ୍ତଙ୍କୁ ସମ୍ବୋଧିତ କରି ପ୍ରତ୍ୟେକ କର୍ମଚାରୀ ନିଜସ୍ୱ ଉନ୍ନତି ସହିତ କାରଖାନା ବିକାଶ ଓ ସାମୂହିକ ପ୍ରଗତି ଓ ସୁରକ୍ଷା ପ୍ରତି ମଧ୍ୟ ଗୁରୁତ୍ୱ ଦେବାପାଇଁ ଆହ୍ୱାନ ଦେଇଥିଲେ। ସମସ୍ତ ବିଭାଗର ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଇମ୍ଫା ଲେଡିଜ୍ କ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମଟିକୁ କ୍ଷିତିଶ ଚନ୍ଦ୍ର ମହାପାତ୍ର, ଉପ ସାଧାରଣ ମହା ପ୍ରବନ୍ଧକ (ପ୍ରଶାସନ ଓ ମାନବ ସମ୍ବଳ),ଥେରୁବାଲି ସଫଳତାର ସହିତ ସଂଚାଳନା କରିଥିଲେ ।

